بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5 | ସଂଖ୍ୟା 16

ସାପ୍ତାହିକ

# ବଦର

Weekly BADAR Qadian
କାଦିଆନ
Odia

www.akhbarbadarqadian.in

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

16 ଏପ୍ରିଲ୍ 2020 | 16 ଶାହାଦତ୍ 1399 ହି.ଶ | 22 ଶାବାନ୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

رَبَّنَاۤ اِنَّکَ مَنۡ تُدۡخِلِ النَّارَ فَقَدۡ اَخۡزَیۡتَہٗ ؕ وَمَا لِلظّٰلِمِیۡنَ مِنۡ اَنۡصَارٍ ○ (آل عمران:193)

ଅନୁବାଦ- ହେ ଆମମାନଙ୍କର ପାଳନକର୍ତା ! ତୁମ୍ଭେ ଯାହାକୁ ନରକାଗ୍ନିରେ ପ୍ରବେଶ କରାଅ ନିଶ୍ଚୟ ତୁମ୍ଭେ ତାହାକୁ ଅପମାନିତ କରିଅଛ; ଏବଂ ଅତ୍ୟାଚାରୀମାନଙ୍କର କେହି ସାହାଯ୍ୟକାରୀ ନାହାନ୍ତି ।

*(ଆଲେ ଇମରାନ୍: ୧୯୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ମୋର ଏ ବିଶ୍ୱାସ ଯେ ଐଶିଚମତ୍କାର ଏପରି ପ୍ରଭାବ ପକାଇନାହିଁ ଯେପରି ସାହାବା କରାମ୍ ର:ଅଙ୍କ ପବିତ୍ର ଆଦର୍ଶ ଓ ପବିତ୍ର ପରିବର୍ତନ ଲୋକମାନଙ୍କ ଉପରେ ପକାଇଛି ।**

**ରସୁଲୁଲ୍ଲାଃ ସ:ଆ:ସଙ୍କ ହାତରେ ବଡ଼ ବଡ଼ ଦୁଷ୍ଟସ୍ୱଭାବର ଲୋକମାନେ ଆସି ସୁଧୁରିଗଲେ ତାହା କାହିଁକି ହେଲା ? ସାହାବାମାନଙ୍କ ମଧ୍ୟରେ ଏହି ମହାନ୍ ପରିବର୍ତନ ହେବା ଓ ସେମାନଙ୍କ ଅନୁକରଣୀୟ ଆଦର୍ଶ ସେହି ଲୋକମାନଙ୍କୁ ଲଜ୍ଜିତ କରିଦେଲା । (ଅର୍ଥାତ ସେହି ଦୁଷ୍ଟ ସ୍ୱଭାବର ଲୋକମାନଙ୍କୁ)**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଏହା ଏକ ନିଶ୍ଚିତ କଥା ଯେ ଯଦି କୌଣସି ବ୍ୟକ୍ତି ନିଜ ଭିତରେ ନିଜ ଜାତିଭାଇଙ୍କ ପାଇଁ ସହାନୁଭୁତି ଦେଖାଇବାର ଉତ୍ସାହ ପାଉନାହିଁ, ତେବେ ସେ ହେଉଛି କୃପଣ । ଯଦି ମୁଁ ଏପରି ଏକ ରାସ୍ତା ଦେଖୁଛି, ଯାହା ଏକ ଭଲ ଓ ଉତମ ମାର୍ଗ, ତା'ହେଲେ ମୋର କର୍ତବ୍ୟ ଏହା ହେବ କି ମୁଁ ଲୋକମାନଙ୍କୁ ଡ଼ାକି ଏ ବିଷୟରେ ବତାଇବି । ଏ କଥା ଦେଖିବି ନାହିଁ କି କିଏ ତା'ଉପରେ ପରିଚାଳିତ ହେଉଛି ବା ନାହିଁ-

**କସେ ବଶନୁଦ୍ ୟା ନଶନୁଦ୍ ମନ୍ ଗୁଫ୍‌ତୁଏ ମି କୁନମ୍**

ଯଦି କେହି ଜଣେ ମଧ୍ୟ ଜୀବିତ ସ୍ୱଭାବର ବାହାରି ପଡ଼େ ତେବେ ଯଥେଷ୍ଟ । ମୁଁ ଏକଥା ଖୋଲି କରି ବର୍ଣ୍ଣନା କରୁଅଛି ଯେ, ମୋ ପାଇଁ ଏକଥା ଉଚିତ ନୁହେଁ ଯେ ଯାହା କିଛି ମୁଁ ଆପଣମାନଙ୍କୁ କହୁଅଛି, ତାହା ମୁଁ ପୂଣ୍ୟ ହାସଲ କରିବାପାଇଁ କହୁଅଛି । ନୁହେଁ ! ମୁଁ ମୋ ଭିତରେ ଅତ୍ୟନ୍ତ ଆବେଗ ଓ ବେଦନା ଅନୁଭବ କରୁଅଛି, ଯେବେ କି ତା'ର କାରଣ ଜଣା ନାହିଁ କି କାହିଁକି ଏମିତି ଆବେଗ ସୃଷ୍ଟି ହେଉଅଛି । ଏଥିରେ ଟିକିଏ ହେଲେ ମଧ୍ୟ ସନ୍ଦେହ ନାହିଁ କି ଏହି ଉତ୍ସାହ ଏପରି ଅଛି କି ମୁଁ ରହିପାରୁନାହିଁ । ସେଥି ଯୋଗୁଁ ଆପଣମାନେ ଏମିତି ଏକ ବ୍ୟକ୍ତିର ଓ୍ୱସିୟତ ବୋଲି ଭାବି, ତା ଉପରେ ଏପରି ପରିଚାଳିତ ହୋଇଯାଅ ଯେ (ଅନ୍ୟମାନଙ୍କ ପାଇଁ) ଏକ ଉଦାହରଣ ହୋଇଯାଅ, ପୁଣି କାଳେ ଏହା ମିଳିବା ଭାଗ୍ୟରେ ନଥାଇପାରେ । ଯେଉଁ ଲୋକମାନେ ଆମଠାରୁ ଦୂରେଇ ଅଛନ୍ତି, ସେମାନଙ୍କୁ ନିଜ କର୍ମ ଓ କଥନ ଦ୍ୱାରା ବୁଝାଇ ଦିଅ । ଯଦି ଏହି ସବୁ କଥା ନାହିଁ ଓ କର୍ମର ଆବଶ୍ୟକତା ନାହିଁ, ତେବେ ପୁଣି ମତେ ବତାଇ ଦିଅ ଯେ ଏଠାକୁ ଆସିବାର ମତଲବ୍ କ'ଣ । ମୁଁ ଲୁକ୍କାଇତ ପରିବର୍ତନ ଚାହୁଁନାହିଁ । ପ୍ରକାଶ୍ୟ ପରିବର୍ତନ ଚାହୁଁଛି ଯାହା ଫଳରେ ବିରୋଧି ଲଜ୍ଜିତ ହେବେ ଏବଂ ଲୋକମାନଙ୍କ ମନ ଉପରେ ଏକ ତରଫା ଆଲୋକ ପଡ଼ିବ ଏବଂ ସେମାନେ ନିରାଶ ହୋଇଯିବେ କି, ଏହି ବିରୋଧିମାନେ ପଥଭ୍ରଷ୍ଟତାରେ ପଡ଼ି ରହିଛନ୍ତି । ରସୁଲୁଲ୍ଲାଃ ସ:ଆ:ସଙ୍କ ହାତରେ ବଡ଼ ବଡ଼ ଦୁଷ୍ଟ ଲୋକ ଆସି ପଶ୍ଚାତାପ କରି ନିଜର ଭୁଲ ସ୍ୱୀକାର କଲେ କାହିଁକି ? ସାହାବା ର:ଅମାନଙ୍କ ମଧ୍ୟରେ ଯେଉଁ ମହାନ ପରିବର୍ତନ ହୋଇଥିଲା, ସେଥିଯୋଗୁଁ ଏବଂ ସେମାନଙ୍କର ଅନୁକରଣୀୟ କାର୍ଯ୍ୟ ନମୁନା ସେହି (ଦୁଷ୍ଟଲୋକମାନଙ୍କୁ) ଲଜ୍ଜିତ କଲା ।

**ଅକ୍‌ରମାଃଙ୍କ ପବିତ୍ର କାର୍ଯ୍ୟ ନମୁନା**

ଅକ୍‌ରମାଃଙ୍କ ବିଷୟରେ ତୁମେମାନେ ଶୁଣିଥିବ । ଓ୍ୱହଦ୍ (ଯୁଦ୍ଧରେ ହୋଇଥିବା) ବିପତିର ସୂତ୍ରଧାର ସେ ଓ ତା ବାପା ଅବୁ ଜହଲ୍ ଥିଲେ । କିନ୍ତୁ ପରିଶେଷରେ ତାକୁ ସାହାବା କରାମ୍‌ଙ୍କ କାର୍ଯ୍ୟନମୁନା ଲଜ୍ଜିତ କଲା । ମୋର ଏ ବିଶ୍ୱାସ ରହିଛି ଯେ, ଐଶି ଚମତ୍କାର ଏପରି ପ୍ରଭାବ ପକାଇନାହିଁ ଯେପରି ସାହାବାମାନଙ୍କର ପବିତ୍ର କାର୍ଯ୍ୟନମୁନା ଓ ପବିତ୍ର ପରିବର୍ତନ ଲୋକମାନଙ୍କ ଉପରେ ପ୍ରଭାବ ପକାଇଛି । ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ ଯେ ଆମ ବଂଶର ଜ୍ଞାତିଭାଇ କେଉଁ ସ୍ଥାନରେ ପହଂଚିଗଲା । ଶେଷରେ ସେମାନେ ନିଜକୁ ଧୋକାରେ ପକାଇଛନ୍ତି ବୋଲି ଭାବିଲେ । ଏକଦା ଅକ୍‌ରମା ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଆକ୍ରମଣ କରିଥିଲା ଓ ଆଉ ଏକ ସମୟରେ ଅମାନ୍ୟକାରୀଙ୍କ ସେନା (ଉପରେ ଆକ୍ରମଣ କରି) ଛିନ୍‌ଛତ୍ର କରିଦେଲା । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଯୁଗରେ ସାହାବାମାନେ ଯେଉଁ ପବିତ୍ର କାର୍ଯ୍ୟନମୁନା ଦେଖାଇଛନ୍ତି, ଆମେ ଆଜି ଗର୍ବର ସହିତ ତାହାକୁ ପ୍ରମାଣ ଓ ନିଦର୍ଶନ ରୂପେ ବର୍ଣ୍ଣନା କରିପାରିବା । ସୁତରାଂ ଅକ୍‌ରମାଃଙ୍କ ନମୁନାକୁ ଦେଖିନିଅ ଯେ କୁଫ୍‌ର (ଅର୍ଥାତ ଅମାନ୍ୟକାରୀ ଥିବା ସମୟରେ) ଅମାନ୍ୟକାରୀ ଥିଲା । ସେ ଅହଙ୍କାର ଇତ୍ୟାଦି କୁସ୍ୱାଭବ ନିଜ ଭିତରେ ଭରି ରଖିଥିଲା ଓ ଏହା ଚାହୁଁଥିଲା ଯଦି ତାକୁ ଅଧିକାର ମିଳିଥାନ୍ତା ତା'ହେଲେ ସେ ଇସ୍‌ଲାମ୍‌କୁ ସଂସାରରୁ ଲୋପ କରିଦେଇଥାନ୍ତେ । କିନ୍ତୁ ଯେବେ ଖୁଦାତାଲାଙ୍କ କୃପା ତା ହାତ ଧରିନେଲା ଓ ସେ ଇସ୍‌ଲାମ୍‌ରେ ଦିକ୍ଷିତ ହୋଇଗଲା, ତାହାଙ୍କଠାରୁ ଏପରି ସୁଚରିତ୍ର ସୃଷ୍ଟି ହେଲା ଯେ ଯେଉଁ ଗର୍ବ ଓ ଅହଙ୍କାର ତାଙ୍କ ନିକଟରେ ଥିଲା ତାହାର ଚିହ୍ନବର୍ଣ୍ଣ ବାକି ରହିଲା ନାହିଁ, ଏବଂ ଏପରି ବିନମ୍ରତା ସୃଷ୍ଟି ହୋଇଗଲା ଯେ ସେହି ବିନମ୍ରତା ଇସ୍‌ଲାମ୍‌ର ତର୍କ ହୋଇଗଲା ଓ ଇସ୍‌ଲାମ୍‌ର ସତ୍ୟତା ପାଇଁ ଏକ ପ୍ରମାଣ ହେଲା । ଥରେ କୁଫାର୍ (ଅମାନ୍ୟକାରୀମାନଙ୍କ) ସହିତ ଯୁଦ୍ଧ ହେଲା, ଅକ୍‌ରମାଃ ଇସ୍‌ଲାମୀୟ ସେନାର କମାଣ୍ଡର୍ ଥିଲେ । କୁଫାର୍ ଭିଷଣ ଯୁଦ୍ଧ କଲେ, ଫଳତଃ ଇସ୍‌ଲାମୀୟ ସେନାର ଅବସ୍ଥା ପରାଜୟର ନିକଟତର ହୋଇଗଲା । ଅକ୍‌ରମାଃ ଏହା ଦେଖି ଘୋଡ଼ାରୁ ଓହ୍ଲାଇଲେ । ଲୋକମାନେ କହିଲେ ଆପଣ କାହିଁକି ଓହ୍ଲାଉଛନ୍ତି, ଏଣେ ତେଣେ ଯିବା ଆସିବା ପାଇଁ କାଳେ ଘୋଡ଼ା ସାହାଯ୍ୟ କରିପାରେ । ଏଥିରେ ସେ କହିଲେ ଏବେ ମତେ ସେହି ସମୟ କଥା ମନେ ପଡ଼ିଗଲା, ଯେତେବେଳେ ମୁଁ ଖୁଦାଙ୍କ ପୟମ୍ବର ସ:ଆ:ସଙ୍କ ବିରୋଧରେ ଯୁଦ୍ଧ କରୁଥିଲି । ତେଣୁ ମୁଁ ଚାହୁଁଛି ଯେ ମୁଁ ମୋ ଜୀବନ ଦେଇ ପାପ ଖଣ୍ଡନ କରିବି । ଏବେ ଦେଖନ୍ତୁ ଯେ ଅବସ୍ଥା କେଉଁଠାରୁ କେଉଁଠାକୁ ପହଂଚିଗଲା ଯେ ତାକୁ ପ୍ରଶଂସା କରି ବାରମ୍ବାର ମନେ ପକାଯାଉଅଛି । ଏକଥା ମନେରଖ ଯେ ଖୁଦାତାଲାଙ୍କ ପ୍ରସନ୍ନତା ସେହି ଲୋକମାନଙ୍କ ସହିତ ଥାଏ, ଯେଉଁମାନେ ତାହାଙ୍କ ପ୍ରସନ୍ନତାକୁ ନିଜ ଭିତରେ ଏକତ୍ରିତ କରିଥାନ୍ତି । ଅଲ୍ଲାଃ ତାଲା ପ୍ରତ୍ୟେକ ସ୍ଥାନରେ ସେମାନଙ୍କୁ ରଜିୟଲ୍ଲାହୁ ଅନ୍‌ହୁମ୍ (ଅର୍ଥାତ:- ଅଲ୍ଲାଃ ତାଲା ସେମାନଙ୍କର ଉପରେ ପ୍ରସନ୍ନିତ ବୋଲି) କହିଛନ୍ତି । *(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୨୭ ରୁ ୧୨୯ ପ୍ରକାଶନ୨୦୧୮ କାଦିୟାନ)*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

**ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-**

**ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।**

***(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)***

# ହଜୁର ଅନଓ୍ୱର ଅ:ବ:ଅଙ୍କ ବିଶେଷ ବାର୍ତା

## ତା ୨୭ ମାର୍ଚ୍ଚ ୨୦୨୦, ସ୍ଥାନ- ଇସଲାମାବାଦ୍, ଟେଲଫୋର୍ଡ଼

ତଶହୁଦ୍, ତଉଜ୍, ଏବଂ ସୁରାଃ ଫାତିହାର ଆବୃତି ଅନ୍ତେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆଜିକାଲି ଯେଉଁ ସଂକ୍ରାମକ ଜନିତ ଭୁତାଣୁ ରୋଗ ବ୍ୟାପିଛି । ତାହା ଯୋଗୁଁ ସମଗ୍ର ପୃଥିବୀର ପରିବ୍ୟାପ୍ତ ରାଷ୍ଟ୍ରମାନ ନିଜ ଦେଶରେ କଟକଣା ଲଗେଇଛନ୍ତି ଏବଂ ଏଠାରେ ଅର୍ଥାତ ବ୍ରିଟେନ୍ ସରକାର ମଧ୍ୟ ମସଜିଦରେ ସାମୂହିକ ନାମଜ ପଢ଼ିବାକୁ ବାରଣ କରିଛି ଏବଂ ଯଦି ବି ନମାଜ ସମ୍ଭବ ହୋଇପାରୁଛି ତେବେ ସେ ପରିପ୍ରେକ୍ଷୀରେ ଦୁଇ କିମ୍ବା ତଦୁର୍ଦ୍ଧ୍ୱ ବ୍ୟକ୍ତି ବ୍ୟତୀତ ଅନ୍ୟ କେହି ସେଠାରେ ଉପସ୍ଥିତ ହୋଇ ସାମୁହିକ ନମାଜ ପଢ଼ି ପାରିବେ ନାହିଁ ଏବଂ ତା' ବି ନିକଟବର୍ତୀ ଲୋକେ ହୋଇଥିବେ । ବର୍ତମାନ ଆଇନ ମଧ୍ୟ ସ୍ୱଷ୍ଟ ହୋଇପାରୁ ନାହିଁ । କେଉଁ ବ୍ୟକ୍ତି ଏହା କହୁଛି ଯେ, ତିନି ଜଣ ବ୍ୟକ୍ତିରୁ ଅଧିକ ବ୍ୟକ୍ତି ଏକତ୍ରିତ ହୋଇପାରିବେ ନାହିଁ କିମ୍ବା କେହି କହୁଛନ୍ତି ଯେ, ଯଦି ତିନିଜଣ ନିକଟତର ସଂପର୍କୀୟ ହୋଇଥିବେ ତେବେ ବାଜମାଅତ୍ ନମାଜ ହୋଇପାରିବ କିମ୍ବା ଅନ୍ୟ ବ୍ୟକ୍ତିମାନେ ଏହା ମତପୋଷଣ କରିଛନ୍ତି ଯେ, ସେହି ବ୍ୟକ୍ତିମାନ ସାଙ୍ଗ କିମ୍ବା ସାଥୀ ହୋଇଥିବେ । ସେ ଯାହାହେଉ ନା କାହିଁକି ଏଭଳି ପରିସ୍ଥିତିରେ ଯେ ପର୍ଯ୍ୟନ୍ତ ନିୟମିତ ରୂପେ ଏହା ସ୍ୱଷ୍ଟ ନାହିଁ ଯେ, ଜୁମା ନମାଜ ପଢ଼ା ଯାଇପାରିବ କି ନାହିଁ । କାରଣ ଜୁମା ନମାଜ ନିମନ୍ତେ କେତେକ କଥା ଆଲୋଚନା ଯୋଗ୍ୟ । ଏଣୁ ମୁଁ ଆଜି ପରାମର୍ଶ ପରେ ଏହା ନିଷ୍ପତି ନେଇଛି ଯେ, ମୁଁ ମୋ କାର୍ଯ୍ୟାଳୟରୁ ହିଁ ଖୁତବା ଜୁମା ପରିବର୍ତେ ଏକ ବାର୍ତା ମାଧ୍ୟମରେ ଆପଣମାନଙ୍କୁ ସମ୍ବୋଧିତ କରିବି । ପାରମ୍ପରିକ ଜୁମା ନମାଜ ନ ପଢ଼ା ଯାଉ । ଜୁମା ଦିନ ଏମ୍.ଟି.ଏରେ ଖୁତବା ଶୁଣିବା ଉପସ୍ଥିତଙ୍କ ଖୁତବା ଶୁଣିବାରେ ଆପଣମାନେ ଅଭ୍ୟସ୍ତ ହୋଇଯାଇଥିଲେ । ଯଦି ଆଜି ମୁଁ ଜମାଆତକୁ ସମ୍ବୋଧିତ ନ କରେ ତେବେ ଲୋକମାନଙ୍କୁ ହୁଏ ତ ବେଳେବଳେ ହତୋତ୍ସାହିତ ମଧ୍ୟ ହୋଇଯିବେ ଯେ, ଆଜି ହଜୁର ଖୁତବା ଦେଲେ ନାହିଁ ଏବଂ ପୁନଶ୍ଚ ଏହା ବ୍ୟତିତ ବିଭିନ୍ନ ପ୍ରକାର ଅନୁମାନ ଲଗାଇବା ମଧ୍ୟ ଆରମ୍ଭ ହୋଇଯାଇଥାଏ । ଏଣୁ ମୁଁ ଏହି ଉପାୟକୁ ଶ୍ରେୟସ୍କର ବୋଲି ମନେ କରୁଛି ଯେ, ଯେ କୌଣସି ଉପାୟରେ ମୁଁ ଜମାଅତକୁ ସମ୍ବୋଧିତ କରିବି ଏବଂ ଏଥିପାଇଁ ଏହି ପନ୍ଥାକୁ ଅବଲମ୍ବନ କରାଗଲା ଯେ, ମୁଁ କାର୍ଯ୍ୟାଳୟରୁ ହିଁ ବସି ଏକ ବାର୍ତା ଶୈଳୀରେ ଆପଣମାନଙ୍କୁ ସମ୍ବୋଧିତ କରିବି ।

ସେ ଯାହା ହେଉ ନା କାହିଁକି ମୁଁ ଯେପିରି କହିଲି ଯେ, ଆଜି ଆମେମାନେ ଜୁମା ନମାଜ ପଢ଼ିବୁ ନାହିଁ ଏବଂ ଆଗାମୀ ପାଇଁ ଇନ୍‌ଶାଅଲ୍ଲାଃ କେଉଁ ମାର୍ଗ ଅବଲମ୍ବନ କରାଯିବ ତାହା ସଂପର୍କରେ ଇନ୍‌ଶାଅଲ୍ଲାଃ ଅବଗତ କରିଦିଆଯିବ । କାରଣ ଦୀର୍ଘ ସମୟ ପର୍ଯ୍ରନ୍ତ ଆମେ ଜୁମା ନମାଜ ଛାଡ଼ିପାରିବୁ ନାହିଁ । ଯେପରି ମୁଁ କହିଛି ଯେ, ମୋର ଜମାଅତ୍ ସହିତ ଯୋଗାଯୋଗ ମଧ୍ୟ ଅତ୍ୟନ୍ତ ଆବଶ୍ୟକ ଏବଂ ଆଜିକାଲିର ପରିସ୍ଥିତିରେ ଏହା ଆହୁରି ଆବଶ୍ୟକ ମଧ୍ୟ ହୋଇପଡ଼ିଛି । ତେଣୁ ମୁଁ ଆଇନଜୀବି ଅଧିବକ୍ତାଙ୍କ ସହ ପରାମର୍ଶ ପରେ ହିଁ ଏହି ନିଷ୍ପତି ନେଇଛି । କାରଣ ମୁଁ ଯେପରି ପୂର୍ବରୁ କହିଛି ଯେ, ମୋର ଜମାଅତ୍ ଠାରୁ ଅଧିକ ଦିନ ଦୁରେଇ ରହିବା ଇନ୍‌ଶାଅଲ୍ଲାଃ ଆମେ ନିଶ୍ଚୟ ଏହାର କୌଣସି ସମାଧାନ ବାଟ ବାହାର କରିବୁ । ମୁଁ ଜମାଆତ୍ ବୃନ୍ଦଙ୍କୁ ଏହା ମଧ କହିବାକୁ ଚାହୁଁଛି ଯେ, ସରକାର ଏହି କରୋନା ରୋଗ ଯୋଗୁଁ ଲୋକମାନଙ୍କୁ ମସଜିଦ୍ ଆସିବାକୁ ବାରଣ କରିଛି କିମ୍ବା ଯଦି ବି କୌଣସି ବ୍ୟକ୍ତି ମସଜିଦରେ ନମାଜ ପଢ଼ିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ତେବେ ସେମାନେ ମସଜିଦ୍ ଆସି ପାରିବେ ବା ନିଜ ପରିବାର ସହିତ ମସଜିଦ ଆସିପାରିବେ କିନ୍ତୁ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାନୁଯାୟୀ ସେମାନେ ନମାଜ ପଢ଼ିବା ସମୟରେ ନିଜ ମଧ୍ୟରେ ବ୍ୟବଧାନ ବା ଦୂରତା ବଜାୟ ରଖିବେ । କିନ୍ତୁ ବାଜମାଅତ୍ ନାମଜ ଏପରି ହୋଇନଥାଏ । କାରଣ ଆମ ଇସଲାମରେ ଏଥିପାଇଁ ଯାହା ବିଧି ବିଧାନ ରହିଛି ଯେ, ବାଜମାଅତ୍ ନମାଜ ପାଇଁ ଲୋକମାନଙ୍କର ଧାଡ଼ିରେ ପରସ୍ପର ସହ ସଂଲଗ୍ନ ଓ ଏକତ୍ରିତ ହୋଇ ନମାଜ ପଢ଼ାଯାଏ । ସୁତରାଂ ଏଭଳି ପରିସ୍ଥିତିରେ ଅହମଦି ବ୍ୟକ୍ତିମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ, ସେମାନେ ବାଜମାଅତ୍ ନାମଜ ପଢ଼ିବାର ଆୟୋଜନ କରନ୍ତୁ ଏବଂ ଘରର ସଦସ୍ୟମାନେ ଏକାଠି ମିଶି ଜୁମା ନମାଜ ପଢ଼ନ୍ତୁ ଏବଂ ହଜରତ ମସିହ୍ ମଉଦ୍ ଆ:ସଙ୍କ (ମଲଫୁଜାତ୍) ମୁଖ ନିସୃତ ବାଣୀରୁ କିମ୍ବା ଜମାଅତର ପୁସ୍ତକାଦିରୁ ଅଥବା ହଜ୍‌ରତ ମସିହ ମଉଦ ଆ:ସଙ୍କର ଅନ୍ୟାନ୍ୟ ପୁସ୍ତକରୁ କିମ୍ବା ଅଲ୍‌ଫଜଲରୁ, ଅଲ୍ ହକମରୁ ଓ ଅନ୍ୟ ଯେ କୌଣସି ପତ୍ରିକାରୁ ସନ୍ଦର୍ଭଗୁଡ଼ିକ ଉଦ୍ଧାର କରି ଖୁତବାରେ ପଢ଼ାଯାଇ ପାରିବ ଏବଂ ଘରର ସଦସ୍ୟଙ୍କ ମଧ୍ୟରୁ କୌଣସି ସାବାଳକ କିମ୍ବା ପ୍ରାପ୍ତ ବୟସ୍କ ବ୍ୟକ୍ତି ମଧ୍ୟ ଜୁମା ନମାଜ ଏବଂ ଅନ୍ୟ ନମାଜ ପଢ଼େଇ ପାରିବେ । ସେ ଯାହାହେଉ ନା କାହିଁକି ଜୁମା ନମାଜକୁ ଅଧିକ ଦିନ ପର୍ଯ୍ୟନ୍ତ ଛଡ଼ା ଯାଇପାରିବ ନାହିଁ । ଯେତେବେଳେ ଲୋକମାନେ ଘରେ ନମାଜ ପଢ଼େଇବେ ଏବଂ ଏଥିପାଇଁ ସେମାନେ ନିଶ୍ଚୟ ପ୍ରସ୍ତୁତି କରିବେ ବା ପ୍ରସ୍ତୁତ ହେବେ । ତେବେ ସେମାନେ ଅଧ୍ୟୟନ କରିବେ । ଏହାଦ୍ୱାରା ସେମାନଙ୍କର ଜ୍ଞାନରେ ଅଭିବୃଦ୍ଧି ଘଟିବ । ଜ୍ଞାନାତ୍ମକ ଲାଭର କାରଣ ସାବ୍ୟସ୍ତ ହେବ । ବରଂ ଅଲ୍ ହକମରେ ଆଜିକାଲି ଯେଉଁ ଲୋକଙ୍କ ପ୍ରତିକ୍ରିୟାମୂଳକ ମତ ରଖିବାର ପରମ୍ପରା ଆରମ୍ଭ ହୋଇଛି ଯେ, ଆମେ ଏହି ନିରୁଦ୍ଧତା ଯୋଗୁଁ ଘରେ ବସି ନିଜର ସମୟକୁ କିପରି ବିତାଇବୁ । ଏ ସଂକ୍ରାନ୍ତରେ ଅନେକ ଲୋକମାନେ ଏହା ଉଲ୍ଲେଖ କରୁଛନ୍ତି ଯେ, ଜମାଅତରେ କୁର୍‌ଆନ୍ ଏବଂ ହଦିସ୍ ଓ ହଜ୍‌ରତ୍ ମସିହ ମଉଦ ଆ:ସଙ୍କର ପୁସ୍ତକ ଏବଂ ଜମାଅତର ପତ୍ରପତ୍ରିକା ଗୁଡ଼ିକୁ ପାଠ କରି ଆମେ ଆମର ଜ୍ଞାନର ପରିସୀମାକୁ ବୃଦ୍ଧି କରିପାରିବା ଏବଂ ଆଜିକାଲି ସାଂସାରିକ ବ୍ୟକ୍ତିମାନେ ସାମାଜିକ ଓ୍ୱେବସାଇଟରେ ମଧ୍ୟ ଧାର୍ମିକ ଚର୍ଚ୍ଚାମାନ କରୁଛନ୍ତି । ତେଣୁ ଏହା ମଧ୍ୟ ଆମମାନଙ୍କ ପାରିବାରିକ ଜୀବନକୁ ଶୃଙ୍ଖଳିତ କରିବା ସଙ୍ଗେ ସଙ୍ଗେ ନିଜର ଅବସ୍ଥାକୁ ସୁଧାରିବା ସହିତ ନିଜ ସନ୍ତାନମାନଙ୍କୁ ଧ୍ୟାନ ଦେବା ଉଚିତ । ଏମ୍.ଟି.ଏରେ ମଧ୍ୟ ଭଲ ଭଲ କାର୍ଯ୍ୟକ୍ରମ ପ୍ରସାରିତ ହେଉଛି, ତେଣୁ କିଛି ସମୟ ଏହି କାର୍ଯ୍ୟକ୍ରମ ଗୁଡ଼ିକୁ ଘରେ ଏକତ୍ରିତ ବସି ଦେଖିବା ଉଚିତ । ଏହା ବ୍ୟତୀତ ମୁଁ ଯେପରି ପୂର୍ବରୁ କହିଛି ଯେ, ସରକାର ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଉକ୍ତ ଲକ୍‌ଡ଼ାଉନ୍ ନିୟମ ଲାଗୁ କରିଛି । ତେଣୁ ଯେଉଁ ନିୟମ ପ୍ରଣୟନ କରିଛି ତାହାକୁ ସମ୍ପୁର୍ଣ୍ଣ ରୂପେ ପାଳନ କରନ୍ତୁ ଏବଂ ଏହାଠୁ ବି ଅଧିକ ଯେପରିକି ମୁଁ ଗତ ଖୁତବାରେ କହିଥିଲି କି ଆମମାନଙ୍କୁ ଦୁଆ ପ୍ରତି ଅଧିକରୁ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏହି ଦୁଆ ମାଧ୍ୟମରେ ହିଁ ଆମେମାନେ ଅଲ୍ଲାଃ ତାଲାଙ୍କର କୃପାକୁ ଟାଣି ଆଣିପାରିବା ଏବଂ ନିଜର ଆଧ୍ୟାତ୍ମିକ ତଥା ଓ ଶାରୀରିକ ଅବସ୍ଥାକୁ ସୁସ୍ଥ କରିପାରିବା । ଏହି ପନ୍ଥାକୁ ଅବଲମ୍ବନ କରିବା ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମମାନଙ୍କୁ ଉପଦେଶ ଦେଇଛନ୍ତି ଏବଂ ଏହିଭଳି ଉତ୍କଟ ପରିସ୍ଥିତିରେ ମଧଞ୍ଚ ହଜୁରୁ ଆ:ସ ଏହା ଉପଦେଶ ଦେଇଛନ୍ତି ଯେ, ଆମମାନଙ୍କୁ ଅଧିକରୁ ଅଧିକ ଅଲ୍ଲାଃ ତାଲାଙ୍କ ନିକଟରେ ନିଜ ପାପର ପ୍ରାୟଶ୍ଚିତ ଏବଂ କ୍ଷମା ପ୍ରାର୍ଥନା କରିବା ଉଚିତ । ତେଣୁ ନିଜର ହୃଦୟକୁ ନିର୍ମଳ କରନ୍ତୁ ଏବଂ ପୁଣ୍ୟ କର୍ମରେ ନିମଜ୍ଜିତ ହୁଅନ୍ତୁ । ଅଲ୍ଲାଃ ତାଲା ଆମମାନଙ୍କୁ ଦୁଆର ଏକ ମସ୍ତବଡ଼ ଅସ୍ତ୍ର ପ୍ରଦାନ କରିଛନ୍ତି । ଯାହା ମାଧ୍ୟମରେ ଆମମାନଙ୍କୁ ଅଲ୍ଲାଃ ତାଲାଙ୍କ ଶରଣାପନ୍ନ ହେବା ପାଇଁ ପ୍ରଚେଷ୍ଟା କରିବା ଉଚିତ । ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

ଯେଉଁଠି ଜୁମା ନମାଜର ପ୍ରଶ୍ନ ରହିଛି ସେଠାରେ କେତେକ ପରିସ୍ଥିତିରେ ବାଜମାଅତ୍ ନମାଜ ଓ ଜୁମା ନମାଜ ନ ପଢ଼ିବାର ମଧ୍ୟ କେତେକ ଆହଦୀସରେ ଏହାର ବିବରଣୀ ଦେଖିବାକୁ ମିଳେ ଯେ, ଏଭଳି ବିପଦପୂର୍ଣ୍ଣ ପରିସ୍ଥିତିରେ ଜୁମା ନମାଜ ଓ ଅନ୍ୟ ନମାଜ ଛଡ଼ାଯାଇ ପାରିବ । ଉଦାହରଣ ସ୍ୱରୁପ ବୁଖାରୀର ଏକ ହଦୀସରେ ବର୍ଣ୍ଣିତ ଯେ, ହଜ୍‌ରତ୍ ଇବ୍‌ନେ ଅବ୍‌ବାସ୍ ର:ଅ ବର୍ଷା ଦିନରେ ନିଜର ମୁଅଜିନକୁ କହିଲେ ତୁମେ ଅଶ୍‌ହଦୁ ଅନ୍ **ଲା ଇଲାହା ଇଲ୍ଲଲ୍ଲାଃ ଓ ଅଶ୍ ହଦୁ ହନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ** କହିବ କିନ୍ତୁ ଏହା ପରେ ତୁମେ ହୟିୟା ଅଲସ୍ ସଲା କହିବା ନାହିଁ ବରଂ ତୁମେ ତା' ବଦଳରେ **ସଲ୍ଲୁ ଫି ବୁୟୁତିକୁମ୍** (ଅର୍ଥାତ ନିଜ ଘରେ ହିଁ ନମାଜ ପଢ଼)ର ଶବ୍ଦ ଉଚ୍ଚାରଣ କରିବ । ସୁତରାଂ ଲୋକମାନଙ୍କୁ ଉକ୍ତ କଥାଟି ଯେପରି ନୂଆ ଲାଗିଲା ଏବଂ ସେମାନେ ଏଥି ପାଇଁ ଆଶ୍ଚର୍ଯ୍ୟ ମଧ୍ୟ ହୋଇଥିଲେ । ପ୍ରତ୍ୟୁତରରେ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ କହିଲେ ଯେ, ଏହିପରି କାର୍ଯ୍ୟ ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ କରିଥିଲେ, ଯିଏ ମୋଠାରୁ ସର୍ବୋତମ ଅଟନ୍ତି । ଯଦିଓ ଜୁମା ପଢ଼ିବା ଆବଶ୍ୟକ କିନ୍ତୁ ମୁଁ ଏହାକୁ ନାପସନ୍ଦ କରୁଛି । ମୁଁ ମଧ୍ୟ କେତେକ ଶବ୍ଦର ପରିବର୍ତନ ସହିତ ଏହାକୁ ନାପସନ୍ଦ କରେ । କାରଣ ମୁଁ ତୁମମାନଙ୍କୁ କୌଣସି ସମସ୍ୟାରେ ପକାଇବାକୁ ଚାହୁଁ ନାହିଁ ଯେ, ତୁମେମାନେ ଏହି ବର୍ଷା ପାଗରେ କାଦୁଅ ଓ ଖସନା ପୂର୍ଣ୍ଣ ରାସ୍ତାରେ ଯେପରି ନ ଚାଲ । ଉକ୍ତ କଥାଟି ମୁସ୍‌ଲିମ୍‌ର ହଦିସରେ ମଧ୍ୟ କେତେକ ପରିବର୍ତନ ଶବ୍ଦ ସହ ଏହିପରି ଭାବରେ ବର୍ଣ୍ଣିତ ରହିଛି ଯେ, ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ବର୍ଣ୍ଣନା କରନ୍ତି ଯେ, ସେ ଝଡ଼ ବର୍ଷା ଦିନରେ ମୁଅଜିନକୁ କହିଲେ ତୁମେ **ଅଶ୍‌ହଦୁ ଲା ଇଲାହା ଇଲ୍ଲଲ୍ଲାଃ ଓ ଅଶ୍ ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ** କହିବ କିନ୍ତୁ ଏହା ପରେ କିନ୍ତୁ ଏହା ପରେ ତୁମେ ହୟିୟା ଅଲସ୍ ସଲା କହିବା ନାହିଁ ବରଂ ତା' ବଦଳରେ **ସଲ୍ଲୁ ଫି ବୁୟୁତିକୁମ୍** (ଅର୍ଥାତ ନିଜ ଘରେ ହିଁ ନମାଜ ପଢ଼)ର ଶବ୍ଦ ଉଚ୍ଚାରଣ କରିବ । ବର୍ଣ୍ଣନାକାରୀ କହନ୍ତି ଯେ, ଲୋକମାନଙ୍କୁ ଉକ୍ତ କଥାଟି ଯେପରି ନୂଆ ଲାଗିଲା । ତେବେ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ କହିଲେ ଯେ, କ'ଣ ତୁମେମାନେ ଆଶ୍ଚର୍ଯ୍ୟିତ ବା ଚକିତ ହେଉଛି ? ଉକ୍ତ କାର୍ଯ୍ୟଟି ଯିଏ କରିଥିଲେ ସେ ମୋଠାରୁ ସର୍ବୋତମ ଅଟନ୍ତି ଅର୍ଥାତ (ଆଁ ହଜ୍‌ରତ୍ ସ:ଆ:ସ) । ଯଦିଓ ଜୁମା ନମାଜ ପଢ଼ିବା ଆବଶ୍ୟକ କିନ୍ତୁ ମୁଁ ଏହାକୁ ନାପସନ୍ଦ କରୁଛି । ମୁଁ ମଧ୍ୟ କେତେକ ଶବ୍ଦର ପରିବର୍ତନ ସହିତ ଏହାକୁ ନାପସନ୍ଦ କରେ । କାରଣ ମୁଁ ତୁମମାନଙ୍କୁ କୌଣସି ସମସ୍ୟାରେ ପକାଇବାକୁ ଚାହୁଁ ନାହିଁ ଯେ, ତୁମେମାନେ ଏହି ବର୍ଷା ପାଗରେ କାଦୁଅ ଓ ଖସନା ପୂର୍ଣ୍ଣ ରାସ୍ତାରେ ଯେପରି ନ ଚାଲ ।

ଅଲ୍ଲାମା ଇମାମ୍ ନୁଓ୍ୱୀ ଉକ୍ତ ହଦୀସର ବ୍ୟାଖ୍ୟା କରି କହନ୍ତି ଯେ, ଉକ୍ତ ହଦସୀରେ ବର୍ଷାଦି ପାଗର ବାଧ୍ୟତା ଯୋଗୁଁ ଜୁମ୍ମା ନମାଜକୁ ଛଡ଼ା ଯିବାର ପ୍ରମାଣ ମଧ୍ୟ ଉଲ୍ଲେଖ ରହିଛି ଏବଂ ଏହି ମତ ସହିତ ମୁଁ ମଧ୍ୟ ସହମତ । ସେ ଉଲ୍ଲେଖ କରି କୁହନ୍ତି ଯେ, ମୋର ଏହି ସହମତି ଓ ଅନ୍ୟାନ୍ୟ ଧାର୍ମିକ ବିଚାରକମାନଙ୍କର ମଧ୍ୟ ଏହି ମତ ରହିଛି । କିନ୍ତୁ ଇମାମ୍

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

**''ଯଦି କିଏ ଜଣେ ଶହୀଦଙ୍କୁ ଚଲାବୁଲା କରିବାର ଦେଖିବାକୁ ଇଚ୍ଛା ରଖିଛି ତେବେ ସେ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର:ଅଙ୍କୁ ଦେଖନ୍ତୁ''**

**ନବୀ ଅକ୍‌ରମ୍ ସ:ଆ:ସଙ୍କଠାରୁ ଫୟାଜ୍ (ମହା ଦାନୀ)ର ଉପାଧି ପାଇବାବାଲା, ନିଜ ଜୀବନରେ ହିଁ ବୈକୁଣ୍ଠପ୍ରାପ୍ତି କରିବାର ସୁସମାଚାର ପାଇବାବାଲା ଓ୍ୱହଦ୍ ଯୁଦ୍ଧ ସମୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଖାତିର୍ ନିଜର ହାତକୁ ନିଷ୍ଫଳ କରିବାର ସୌଭାଗ୍ୟପ୍ରାପ୍ତି କରିଥିବା, *ମନ୍ କଜା ନହ୍‌ବହୁ* ର ଏକ ଜ୍ୱଳନ୍ତ ଉଦାହରଣ, ହଜ୍‌ରତ୍ ଉମର୍ ର:ଅଙ୍କ ଦ୍ୱାରା ଗଠନ ହୋଇଥିବା ଛଅ ଜଣ ବିଶିଷ୍ଟ ଶୁରା କମିଟିର ସଦସ୍ୟ ନିଷ୍ଠା ଓ ଭକ୍ତି ଭାବରେ ପରିପୂର୍ଣ୍ଣ ରସୁଲୁଲ୍ଲାଃଙ୍କ ବଦ୍‌ରି ସାହାବି ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର:ଅଙ୍କ ପ୍ରଶଂସନୀୟ ଜୀବନୀର ଚର୍ଚ୍ଚା ।**

**କରୋନା ଭାଇରସ୍ ଦ୍ୱାରା ବ୍ୟାପୁଥିବା ମହାମାରୀରୁ ନିଜକୁ ଓ ଅନ୍ୟଲୋକମାନଙ୍କୁ ବଂଚାଇବା ପାଇଁ ପ୍ରତିଶେଧକ ପଦକ୍ଷେପ ଗ୍ରହଣ କରିବାପାଇଁ ଏବଂ ବହୁତ ଦୁଆ କରିବାପାଇଁ ହଜୁରଙ୍କ ଉପଦେଶ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୩ ମାର୍ଚ୍ଚ ୨୦୨୦ ଅନୁଯାୟୀ ୧୩ ଅମାନ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜି ଯେଉଁ ବଦରୀ ସାହାବିଙ୍କ କଥା ଚର୍ଚ୍ଚା କରିବି ସେ ହେଲେ ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ । ତାଙ୍କ ସମ୍ପର୍କ କବିଲା ବନୁ ତୈୟମ୍ ବିନ୍ ମୁରାଃ ସହିତ ଥିଲା । ହଜ୍‌ରତ୍ ତଲ୍‌ହାଙ୍କ ପିତାଙ୍କ ନାମ ଉବୈଦୁଲ୍ଲାଃ ବିନ୍ ଉସ୍‌ମାନ୍ ଏବଂ ମାତାଙ୍କ ନାମ ସୈବା ଥିଲା । ସେ ଅବଦୁଲ୍ଲାଃ ବିନ୍ ଅମାଦ୍ ହଜ୍‌ରମିଙ୍କ କନ୍ୟା ଓ ହଜ୍‌ରତ୍ ଅଲା ବିନ୍ ହଜ୍‌ରମିଙ୍କ ଭଗିନୀ ଥିଲେ । ହଜ୍‌ରତ୍ ତଲ୍‌ହାଙ୍କ କୁନିୟତ୍ ଅବୁ ମୁହମ୍ମଦ ଥିଲା । ହଜ୍‌ରତ୍ ଅଲା ବିନ୍ ହଜ୍‌ରମି ର:ଅଙ୍କ ପିତାଙ୍କ ନାମ ଅବଦୁଲ୍ଲାଃ ବିନ୍ ଅବାଦ୍ ହଜ୍‌ରମି ଥିଲା । ସେ ହଜ୍‌ରେ ମୌତ୍ ଅଂଚଳ ସହିତ ସମ୍ପର୍କ ରଖୁଥିଲେ । ହରାର୍ ବିନ୍ ଉମୈୟାଙ୍କର ମିତ୍ର ଥିଲେ । ହଜୁର ସ:ଆ:ସ ତାଙ୍କୁ ବେହେରନ୍‌ର ହାକିମ୍ ନିଯୁକ୍ତ କରିଥିଲେ । ସେ ମୃତ୍ୟୁ ପର୍ଯ୍ୟନ୍ତ ବେହେରନ୍‌ର ହାକିମ ଥିଲେ । ତାଙ୍କ ଦେହାନ୍ତ ୧୪ ହିଜରୀରେ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ ସମୟ କାଳରେ ହୋଇଥିଲା । ତାଙ୍କର ଜଣେ ଭାଇ ଆମୀର ବିନ୍ ହଜ୍‌ରମି ବଦର ଯୁଦ୍ଧରେ ମୃତ୍ୟୁବରଣ କରିଥିଲେ ଏବଂ ଆଉ ଜଣେ ଭାଇ ଅମର୍ ବିନ୍ ହଜ୍‌ରମି, ଅମାନ୍ୟକାରୀଙ୍କ ମଧ୍ୟରୁ ପ୍ରଥମ ବ୍ୟକ୍ତି ଥିଲେ ଯାହାଙ୍କୁ ଜଣେ ମୁସଲମାନ ହତ୍ୟା କରିଥିଲେ । ସେ ପ୍ରଥମ ବ୍ୟକ୍ତି ଥିଲେ ଯାହାଙ୍କ ଧନରାଶିର ୧/୫ ଇସ୍‌ଲାମ ନିକଟକୁ ଆସିଥିଲା ।

*(ତବକାତୁଲ୍ କୁବ୍‌ରା......... ଖଣ୍ଡ-୩, ପୃ-୧୬୦...... ବେରୁତ ୧୯୯୦)*

ତାଙ୍କର ସପ୍ତମ ପିଢ଼ୀ ମୁର୍‌ରାଃ ବିନ୍ କାଆବ୍ ମାଧ୍ୟମରେ ଯାଇ ହଜୁର ସ:ଆ:ସଙ୍କ ସହିତ ମିଳିତ ହେଉଅଛି ଏବଂ ଚତୁର୍ଥ ପିଢ଼ୀ ହଜ୍‌ରତ୍ ଅବୁବକରଙ୍କ ସହିତ ମିଳିତ ହେଉଅଛି । ତାଙ୍କ ପିତା ଇସ୍‌ଲାମର ଆଗମନ ପୂର୍ବରୁ ଏହି ଇହଧାମରୁ ବାହୁଡ଼ି ଯାଇଥିଲେ କିନ୍ତୁ ମାତା ଦୀର୍ଘ ଜିବନ ପ୍ରାପ୍ତ କରିଥିଲେ ତଥା ହଜୁର ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣି ସାହାବିୟାଙ୍କ ସହିତ ସାମିଲ ହୋଇଥିଲେ । ସେ ହିଜ୍‌ରତ୍ ପୂର୍ବରୁ ବିଶ୍ୱାସ ଆଣି ନେଇଥିଲେ ଅର୍ଥାତ ତାଙ୍କ ମାତା ।

*(ରୌଶନ୍ ସିତାରେ....... ଖଣ୍ଡ-୨, ପୃ-୧୨୮)*

ହଜ୍‌ରତ୍ ତଲ୍‌ହା ର:ଅ ବଦର ଯୁଦ୍ଧରେ ସାମିଲ ହୋଇନଥିଲେ କିନ୍ତୁ ହଜୁର ସ:ଆ:ସ ତାଙ୍କୁ ମାଲେ ଗନିମତ୍‌ରୁ (ଅର୍ଥାତ ବଦର ଯୁଦ୍ଧରୁ ଯେଉଁ ସମ୍ପତି ମୁସଲମାନମାନଙ୍କୁ ହସ୍ତଗତ ହୋଇଥିଲା ସେଥିରୁ ଭାଗ ଦେଇଥିଲେ । ବଦର ଯୁଦ୍ଧରେ ତାଙ୍କର ସାମିଲ ନ ହେବାର କାରଣ ଏହା ଥିଲା କି ହଜୁର ସ:ଆ:ସ ଅନୁମାନ ଲଗାଇଥିଲେ କି କୁରୈଶ୍‌ର କାଫିଲା ସିରିଆ ଆଡୁ ବାହାରିଛନ୍ତି ତେଣୁ ହଜୁର ସ:ଆ:ସ ଯାତ୍ରା ଆରମ୍ଭ କରିବାର ଦଶ ଦିନ ପୂର୍ବରୁ ହଜ୍‌ରତ୍ ତଲ୍‌ହା ର:ଅ ଓ ହଜ୍‌ରତ୍ ସଇଦ ବିନ୍ ଜୈଦ୍‌ଙ୍କୁ ଗୁପ୍ତଚର ରୂପେ ଉକ୍ତ କାଫିଲାର ଖବର ଆଣିବାକୁ ପ୍ରେରଣ କରିଥିଲେ । ଉଭୟେ ମଦିନାରୁ ବାହାରି ହୌରାଆ ଅଂଚଳରେ ପହଂଚି ରହିଯାଇଥିଲେ ଯେଉଁଠାରେ କାଫିଲା ତାଙ୍କୁ ଅତିକ୍ରମ କରିଥିଲା । ହୌରାଆ୍ ଅହେମର୍ ସମୁଦ୍ର ନିକଟରେ ଥିବା ଏକ ସ୍ଥାନର ନାମ । ଯେଉଁମାର୍ଗ ଦେଇ ହଜାଜ୍ ଓ ସିରିଆ ଯାତ୍ରା କରୁଥିବା କଫିଲା ଅତିକ୍ରମ କରିଥାଏ । ସେ ଯାହା ହେଉ ହଜୁର ସ:ଆ:ସ, ହଜ୍‌ରତ୍ ତଲ୍‌ହା ର:ଅ ଓ ହଜ୍‌ରତ୍ ସଇଦ୍ ର:ଅଙ୍କ ଫେରିବା ପୂର୍ବରୁ ଏହି ଖବର ପ୍ରାପ୍ତ ହୋଇଥିଲା ତେଣୁ ହଜୁର ସାହାବାମାନଙ୍କୁ ଡ଼ାକି କୁରୈଶ୍‌ର କାଫିଲା ସମୁଦ୍ର କୂଳ ଦେଇ ତିବ୍ର ବେଗରେ ଆସୁଥିବାର ଖବର ଦେଲେ । ଆଉ ଏକ ସ୍ଥାନରେ ମଧ୍ୟ ଚର୍ଚ୍ଚା ହୋଇସାରିଛି ଯେ, କାଫିଲା ଗୁପ୍ତଚରଙ୍କ ଦୃଷ୍ଟିରୁ ବର୍ତି ରହିବାପାଇଁ ଦିବାରାତ୍ର ଯାତ୍ରା ଅବ୍ୟାହତ ରଖିଥିଲେ

ସେଠାରୁ ହଜ୍‌ରତ୍ ତଲ୍‌ହା ର:ଅ ଓ ସଇଦ ର:ଅ ମଦିନା ଅଭିମୁଖେ ପ୍ରତ୍ୟାବର୍ତନ କଲେ କି, ହଜୁର ସ:ଆ:ସଙ୍କୁ କୁରୈଶ୍‌ର କାଫିଲା ସମ୍ବନ୍ଧରେ ସୂଚିତ କରେଇବୁ କିନ୍ତୁ ସେମାନଙ୍କୁ ଖବର ନଥିଲା ଯେ, ହଜୁର ସ:ଆ:ସ ବଦର ଅଭିମୁଖେ ବାହାରି ଯାଇଛନ୍ତି। ଦୁହେଁ ମଦିନାରେ ସେହି ଦିନ ପହଂଚିଲେ ଯେଉଁ ଦିନ ମୁସଲମାନ ଓ କୁରୈଶ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ସୁତରାଂ ସେ ଦୁହେଁ ଯୁଦ୍ଧରେ ସାମିଲ ହେବା ନିମନ୍ତେ ବାହାରି ପଡ଼ିଲେ ଏବଂ ତୁରବାନ୍ ସ୍ଥାନରେ ହଜୁର ସ:ଆ:ସ ମିଳିତ ହେଲେ ଯେତେବେଳେ କି ମୁସଲମାନମାନେ ବଦର ଯୁଦ୍ଧ ଲଢ଼ି ଫେରୁଥିଲେ। ତୁରବାନ୍ ହେଉଛି ମଦିନାଠାରୁ ୧୯ ମାଇଲ୍ ଦୁରରେ ଅବସ୍ଥିତ ଏକ ଉପତ୍ୟାକା ଯେଉଁଠାରେ ଅନେକ ମଧୁର ଜଳ ଥିବା କୂପ ରହିଛି। ବଦର ଯୁଦ୍ଧ ଅଭିମୁଖେ ଯାତ୍ରା କରିବା ସମୟରେ ହଜୁର ସ:ଅ:ସ ସେଠାରେ ଅବସ୍ଥାନ କରିଥିଲେ। ଅତଏବ ହଜ୍‌ରତ୍ ତଲ୍‌ହା ର:ଅ ଓ ସଇଦ୍ ର:ଅ ବଦର ଯୁଦ୍ଧରେ ସାମିଲ ହୋଇନଥିଲେ ମଧ୍ୟ ହଜୁର ସ:ଆ:ସ ସେମାନଙ୍କୁ ଉକ୍ତ ଯୁଦ୍ଧରେ ସାମିଲ ଥିବା ମୁସଲମାନମାନଙ୍କ ମଧ୍ୟରେ ଗଣନା କରିଥିଲେ। *(ଫରହଙ୍ଗ ସିରତ୍........ ପୃ-୭୫......... କରାଚି ୨୦୦୩)*

*(ତବକାତୁଲ୍ କୁବ୍‌ରା.......... ଖଣ୍ଡ-୩, ପୃ-୧୬୨...... ବେରୁତ ୧୯୯୦)*

*(ସିରତୁନ୍ ନବୱିୟା....... ଖଣ୍ଡ-୨, ପୃ-୧୨୩)*

ହଜ୍‌ରତ୍ ତଲ୍‌ହା ର:ଅ ୱହଦ୍ ଏବଂ ଅନ୍ୟାନ୍ୟ ଯୁଦ୍ଧରେ ସାମିଲ ହୋଇଥିଲେ। ସେ ସୁଲାଃ ହୁଦବିୟାରେ ମଧ୍ୟ ସାମିଲ ହୋଇଥିଲେ। ସେ ସେହି ଦଶଜଣ ବ୍ୟକ୍ତିମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ଯାହାଙ୍କୁ ହଜୁର ସ:ଆ:ସ ସେମାନଙ୍କ ଜିବନ କାଳରେ ହିଁ ବୈକୁଣ୍ଠ ବାସୀ ହେବାର ସୁସମ୍ବାଦ ପ୍ରଦାନ କରିଥିଲେ। ତଥା ସେହି ଆଠଜଣ ବ୍ୟକ୍ତି ମଧ୍ୟରୁ ଜଣେ ଯିଏ ସର୍ବପ୍ରଥମେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ସେହି ପାଂଚ ଜଣ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଯିଏ ହଜ୍‌ରତ୍ ଅବୁବକର ର:ଅଙ୍କ ମାଧ୍ୟମରେ ଇସ୍‌ଲାମ ଧର୍ମ ଗ୍ରହଣ କରିଥିଲେ। ହଜ୍‌ରତ୍ ଉମର୍ ର:ଅ ଯେଉଁ ସୁରାଃ କମିଟି ଗଠନ କରିଥିଲେ ଓ ଛଅ ଜଣ ସଦସ୍ୟ ତାହାର ଥିଲେ ସେଥିମଧ୍ୟରୁ ହଜ୍‌ରତ୍ ତଲ୍‌ହା ର:ଅ ମଧ୍ୟ ଜଣେ ଥିଲେ। ଇଏ ସେହି ବ୍ୟକ୍ତିମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ଅର୍ଥାତ ହଜ୍‌ରତ୍ ତଲ୍‌ହା ର:ଅ ଯାହାଙ୍କ ଉପରେ ହଜୁର ସ:ଆ:ସ ତାଙ୍କ ଦେହାନ୍ତ ସମୟରେ ଅର୍ଥାତ ହଜୁରଙ୍କ ଅନ୍ତିମ ସମୟରେ ମଧ୍ୟ ହଜୁର ପ୍ରସନ୍ନିତ ଥିଲେ।

*(ଅଲ୍‌ଇସ୍‌ତିୟାବ୍........... ଖଣ୍ଡ-୨, ପୃ-୩୧୭........ ବେରୁତ)*

*(ଅଲ୍ ଅସାବାଃ ଖଣ୍ଡ-୩, ପୃ-୪୩୦......... ବେରୁତ ୧୯୯୫)*

ଯଜିଦ୍ ବିନ୍ ରୋମାନ୍ ବର୍ଣ୍ଣନା କରନ୍ତି କି ଥରେ ହଜ୍‌ରତ୍ ଉସ୍‌ମାନ୍ ଓ ହଜ୍‌ରତ୍ ତଲ୍‌ହା ର:ଅ ଦୁହେଁ ହଜରତ ଜୁବୈର୍ ବିନ୍ ଅୱାନ୍‌ଙ୍କ ପଛରେ ବାହାରିଲେ ଏବଂ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ। ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କୁ ଇସ୍‌ଲାମ୍‌ର ବାର୍ତା ସମ୍ବନ୍ଧରେ ଅବଗତ କଲେ ତଥା ସେମାନଙ୍କୁ କୋରାନ୍ ପାଠ କରି ଶୁଣାଇଲେ। ସେ ଦୁହିଁଙ୍କୁ ଅଲ୍ଲାଃଙ୍କ ନିକଟରୁ ମିଳିବାକୁ ରହିଥିବା ପୁରସ୍କାର ଓ ପ୍ରତିଶ୍ରୁତିର ସୂଚନା ଦେଲେ। ବସ୍ତୁତଃ ହଜ୍‌ରତ୍ ଉସ୍‌ମାନ୍ ଓ ହଜ୍‌ରତ୍ ତଲ୍‌ହା ର:ଅ ହଜୁର ସ:ଆ:ସଙ୍କୁ ସ୍ୱୀକାର କରି ଇସ୍‌ଲାମ ଧର୍ମରେ ଅର୍ନ୍ତଭୁକ୍ତ ହୋଇଗଲେ। ଏଥିଅନ୍ତେ ହଜ୍‌ରତ୍ ଉସ୍‌ମାନ କହିଲେ ହେ, ଅଲ୍ଲାଃଙ୍କ ରସୁଲ! ମୁଁ ଇତିମଧ୍ୟରେ ସିରିଆ ଦେଶରୁ ଫେରୁଅଛି, ଯାତ୍ରା ସମୟରେ ମାଆନ୍ ନାମକ ସ୍ଥାନରେ ଯାହାକି ମୌତା ସ୍ଥାନ ପୂର୍ବରୁ ଅବସ୍ଥିତ। ମୌତା ଯୁଦ୍ଧ ଅବସରରେ ସେଠାରେ ପହଂଚିବା ଅନ୍ତେ ମୁସଲମାନମାନଙ୍କୁ ଜ୍ଞାତ ହୋଇଥିଲା କି, ରୋମିମାନଙ୍କର ଦୁଇ ଲକ୍ଷ ସୈନ୍ୟବାହିନୀ ମୁସଲମାନମାନଙ୍କ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ଅଛନ୍ତି ଓ ସେଠାରେ ସାହାବା ଦୁଇ ଦିନ ଅପେକ୍ଷା କରିଥିଲେ। ସେ ଯାହା ହେଉ ସେ କୁହନ୍ତି, ପତ୍ୟାବର୍ତନ ସମୟରେ ଆମ୍ଭେ ମାଆନ୍ ଓ ଜର୍‌କା ମଧବର୍ତୀ ସ୍ଥାନରେ ଅବସ୍ଥାନ କରିଥିଲୁ ଏବଂ ଆମେ ବିଶ୍ରାମ କରୁଥିବା ଅବସ୍ଥାରେ ଜଣେ ବ୍ୟକ୍ତି ଆସି ଘୋଷଣା କଲା ଯେ, ହେ ଲୋକମାନେ ଜାଗି ଉଠ ଅହ୍‌ମଦ୍ ସ:ଆ:ସ ମକ୍କାରେ ଅବିର୍ଭାବ କରିସାରିଛନ୍ତି। ସେଠାରୁ ଫେରି ଆମେ ଆପଣଙ୍କ ସମ୍ବନ୍ଧରେ ଶୁଣିଲୁ।

*(ତବକାତୁଲ୍ କୁବ୍‌ରା.......... ଖଣ୍ଡ-୩, ପୃ-୪୦...... ବେରୁତ ୨୦୧୨)*

*(ଫରହଙ୍ଗ ସିରତ୍.......... ପୃ-୨୭୯........ କରାଚି ୨୦୦୩)*

*(ମୁଅଜମୁଲ୍ ବୁଲ୍‌ଦାନ୍.........ଖଣ୍ଡ-୩, ପୃ-୧୭୩.......... ବେରୁତ ୨୦୧୪)*

ହଜ୍‌ରତ୍ ତଲ୍‌ହା ର:ଅ ବର୍ଣ୍ଣନା କରନ୍ତି କି ମୁଁ ବସରା ଯାହାକି ସିରିଆ ଦେଶରେ ଏକ ସୁପ୍ରସିଦ୍ଧ ସହର ଅଟେ ସେଠାକୁ ହଜୁର ସ:ଆ:ସଙ୍କ ଚାଚା ହଜ୍‌ରତ୍ ହମ୍‌ଜାଙ୍କ ସହିତ ବାଣିଜ୍ୟ ଯାତ୍ରାରେ ଥିଲି କି, ବସ୍‌ରାର ଇହୁଦୀ ଉପାସନା ସ୍ଥଳୀରେ ଜଣେ ରାହିବ୍ ତାଙ୍କୁ ତାଙ୍କ ଅନୁଚରଙ୍କୁ କହିଲେ ଯେ, ଆଗମନ କାରୀ କାଫିଲାକୁ ପଚାର ଯେ, ସେମାନଙ୍କ ମଧ୍ୟରେ ଏପରି କୌଣସି ବ୍ୟକ୍ତି ଅଛନ୍ତି ଯିଏ ହରମ୍ ଅର୍ଥାତ୍ ମକ୍କାବାସୀ ଅଟନ୍ତି। ମୁଁ କହିଲି ହଁ ମୁଁ ଅଟେ ସେ ମତେ ପଚାରିଲେ କଣ ଅହମଦ୍ ଆବିର୍ଭାବ ହୋଇଗଲେଣି? ମୁଁ କହିଲି କେଉଁ ଅହମଦ୍ ସେ କହିଲେ ଅବଦୁଲ୍ଲାଃ ବିନ୍ ଅବଦୁଲ୍ ମୁତଲିବ୍‌ଙ୍କ ପୁତ୍ର ଏହା ସେହି ମାସ, ଯେଉଁଥିରେ ସେ ଆବିର୍ଭାବ ହେବେ ଏବଂ ସେ ଶେଷ ନବୀ ହେବ ତାଙ୍କ ଆବିର୍ଭାବ ହେବାର ସ୍ଥାନ ହରମ୍ ଅଟେ। ତାଙ୍କ ହିଜ୍‌ରତ୍ ସ୍ଥାନ ଖଜୁରୀ ବଗିଚା ଏବଂ ପଥୁରିଆ ଜମିଆଡ଼କୁ ହେବ ଦେଖ ତାଙ୍କୁ ଛାଡ଼ି ଦେବ ନାହିଁ। ହଜ୍‌ରତ୍ ତଲ୍‌ହା ର:ଅ କୁହନ୍ତି ସେ ମତେ ଯାହା କିଛି କହିଲେ ତାହା ମୋ ହୃଦୟରେ ଛାପି ହୋଇଗଲା। ମୁଁ ତୀବ୍ର ବେଗରେ ମକ୍କା ପ୍ରତ୍ୟାବର୍ତନ କରି ଆସିଲି ଏବଂ ପଚାରିଲି, ଅର୍ଥାତ ମକ୍କା ଫେରିଆସି ଲୋକମାନଙ୍କୁ ପଚାରିଲି କିଛି ନୁଆ ଘଟଣା ଘଟିଛି କି? ଲୋକମାନେ କହିଲେ କି ହଁ ହଜ୍‌ରତ୍ ମୁହମ୍ମଦ ବିନ୍ ଅବ୍‌ଦୁଲ୍ଲାଃ ଯାହାଙ୍କୁ ମକ୍କାବାସୀ ଅମୀନ୍ ଅର୍ଥାତ ବିଶ୍ୱସ୍ଥ କହୁଥିଲେ, ନବୀ ହେବାର ଘୋଷଣା କରିଛନ୍ତି, ହଜ୍‌ରତ୍ ଅବୁବକର ତାଙ୍କ ଆନୁଗତ୍ୟ ସ୍ୱୀକାର କରିନେଇଛନ୍ତି। ହଜ୍‌ରତ୍ ତଲ୍‌ହା ର:ଅ କୁହନ୍ତି ମୁଁ ହଜ୍‌ରତ୍ ଅବୁବକରଙ୍କ ନିକଟରେ ଉପସ୍ଥିତ ହୋଇ ପଚାରିଲି କି କଣ ତୁମେ ହଜୁର ସ:ଆ:ସଙ୍କ ଆନୁଗତ୍ୟ ସ୍ୱୀକାର କରିନେଇଛ ସେ କହିଲେ ହଁ ଏବଂ ତୁମେମଧ୍ୟ ଚାଲ ତାଙ୍କ ଅନୁଗାମୀମାନଙ୍କ ମଧ୍ୟରେ ସାମିଲ ହୋଇଯିବ କାରଣ ସେ ସତ୍ୟ ଉପରେ ପ୍ରତିଷ୍ଠିତ। ସେଠାରେ ସେ ହଜ୍‌ରତ୍ ଅବୁବୁକରଙ୍କୁ ଉକ୍ତ ରାହିବ୍ ଠାରୁ ଶୁଣିଥିବା କଥା ଆଲୋଚନା କଲେ। ଅତଏବ୍ ହଜ୍‌ରତ୍ ଅବୁବକର ତାଙ୍କୁ ନେଇ ହଜୁର ସ:ଆ:ସଙ୍କ ନିକଟକୁ ଗଲେ ହଜ୍‌ରତ୍ ତଲ୍‌ହା ର:ଅ ଇସ୍‌ଲାମ ଧର୍ମରେ ଦିକ୍ଷୀତ ହେଲେ ଏବଂ ରାହିବ୍‌ର ସୁସମ୍ବାଦ ହଜୁର ସ:ଆ:ସଙ୍କ ନିକଟରେ ବର୍ଣ୍ଣନା କଲେ। ଯେଉଁଥିରେ ହଜୁର ସ:ଆ:ସ ଆନନ୍ଦିତ ହେଲେ।

*(ତବକାତୁଲ୍ କୁବ୍‌ରା.......... ଖଣ୍ଡ-୩, ପୃ-୧୬୧...... ବେରୁତ ୧୯୯୦)*

ଏହା ମଧ୍ୟ ଐତିହାସିକ ପୁସ୍ତକ ତବକାତୁଲ୍ କୁବ୍‌ରା ରେ ଦରଜ ରହିଛି କି, ଯେତେବେଳେ ହଜ୍‌ରତ୍ ତଲ୍‌ହା ର:ଅ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେଲେ ସେତେବେଳେ ନୌଫିଲ୍ ବିନ୍ ଖୁୱେଲଦ୍ ବିନ୍ ଅଦୱିୟା ତାଙ୍କୁ ଓ ହଜ୍‌ରତ୍ ଅବୁବକର୍‌ଙ୍କୁ ଗୋଟିଏ ରସିରେ ବାନ୍ଧି ଦେଲେ ସେଥିଯୋଗୁଁ ତାଙ୍କୁ ଓ ହଜ୍‌ରତ୍ ଅବୁବକର୍‌ଙ୍କୁ କରି ନୈନ୍ ଅର୍ଥାତ ଦୁଇ ସାଥି ବୋଲି କୁହାଯାଏ। ନୌଫିଲ୍ ନିଜ ଦାନ ଧ୍ୟାନ ଯୋଗୁଁ କୁରୈଶ୍ ମଧ୍ୟରେ ସୁପ୍ରସିଦ୍ଧ ଥିଲେ। ହଜ୍‌ରତ୍ ତଲ୍‌ହା ର:ଅଙ୍କୁ ବାନ୍ଧିବାରେ ତାଙ୍କ ଭ୍ରାତା ଉସ୍‌ମାନ ମଧ୍ୟ ସାହାଯ୍ୟ କରିଥିଲେ। ସେମାନେ ତାଙ୍କୁ ହଜୁର ସ:ଆ:ସଙ୍କ ସଙ୍ଗତ ଓ ଇସ୍‌ଲାମ୍‌ରୁ ନିବୃତ ରହିବାପାଇଁ ବାରଣ କରିଥିଲେ। ଇମାମ୍ ବେହେକି ଉଲ୍ଲେଖ କରିଛନ୍ତି ଯେ, ହଜୁର ସ:ଆ:ସ ହଜ୍‌ରତ୍ ତଲ୍‌ହା ର:ଅଙ୍କ ପାଇଁ ଦୁଆ କଲେ। ହେ ଐଶର୍ଯ୍ୟମୟ ପ୍ରଭୁ ଅଦ୍‌ୱିୟାର କବଳରୁ ହଜ୍‌ରତ୍ ତଲ୍‌ହା ର:ଅଙ୍କୁ ରକ୍ଷା କର। *(ରୋଶନ୍ ସିତାରେ..... ଖଣ୍ଡ-୨, ପୃ-୧୨୯-୧୩୦)*

ହଜ୍‌ରତ୍ ମସଉଦ୍ ବିନ୍ ଖରାଶ୍ ବର୍ଣ୍ଣନା କରନ୍ତି କି, ଏକଦା ମୁଁ ସଫା ଓ ମରୱା ମଧ୍ୟରେ ଭ୍ରମଣ କରୁଥିଲି କି ମୁଁ ଦେଖିବାକୁ ପାଇଲି ଯେ, ଅନେକ ଲୋକ ଜଣେ ଯୁବକ ପଛରେ ପଡ଼ିଛନ୍ତି, ଯାହାର ହାତ ବେକ ସହିତ ବନ୍ଧା ହୋଇଅଛି ମୁଁ ସେମାନଙ୍କୁ ପଚାରିଲି ଏ କିଏ? ଲୋକେମାନେ କହିଲେ ଇଏ ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲାଃ, ସେ ଅଧର୍ମି ପାଲଟି ଯାଇଛି। ତାଙ୍କ ପଛରେ ତାଙ୍କ ମାତା କ୍ରୋଧାନ୍ୱିତ ହୋଇ ଗାଳି ଗୁଲଜ କରିଚାଲିଥିଲେ।

*(ତାରିଖୁଲ୍ ସଫିର୍....... ଖଣ୍ଡ-୧, ପୃ-୧୧୩......... ବେରୁତ)*

ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ସାଆଦ୍ ନିଜ ପିତାଙ୍କଠାରୁ ରିୱାୟତ କରନ୍ତି କି ଯେତେବେଳେ ହଜୁର ସ:ଆ:ସ ମକ୍କାରୁ ମଦିନା ଅଭିମୁଖେ ହିଜରତ୍ କରିବା ସମୟରେ ଖରାର୍ ସ୍ଥାନରେ ଅବସ୍ଥାନ କରିଥିଲେ ଏବଂ ପ୍ରାତଃ ସମୟରେ ହଜୁର ହଜ୍‌ରତ୍ ତଲ୍‌ହା ର:ଅଙ୍କୁ ଯିଏ କି, ସିରିଆ ଦେଶରୁ କାଫିଲା ସହ ପ୍ରତ୍ୟାବର୍ତନ କରି ଆସୁଥିଲେ, ସାକ୍ଷାତ କଲେ। ସେ ହଜୁର ସ:ଆ:ସ ଓ ହଜ୍‌ରତ୍ ଅବୁବକରଙ୍କୁ ସାମୀ ବସ୍ତ୍ର ପରିଧାନ କରବାକୁ ଦେଲେ। ଅର୍ଥାତ ହଜ୍‌ରତ୍ ଅବଦୁଲ୍ଲାଃ ର:ଅ ଏବଂ ହଜୁର ସ:ଆ:ସଙ୍କୁ ସୂଚନା ଦେଲେ ଯେ, ମଦିନା ବାସୀ ବହୁତ ଦିନ ହେଲା ଆପଣଙ୍କ ଅପେକ୍ଷାରତ ଅଛନ୍ତି। ଅତଏବ ହଜୁର ସ:ଆ:ସ ତିବ୍ରବେଗରେ ମଦିନା ଚାଲିଗଲେ। ଏବଂ ହଜ୍‌ରତ୍ ତଲ୍‌ହା ର:ଅ ମକ୍କା ଅଭିମୁଖେ ଯାତ୍ରା କଲେ। ଏବଂ ନିଜ କାର୍ଯ୍ୟ ସମାପ୍ତ କରି ହଜ୍‌ରତ୍ ଅବୁବକର ର:ଅଙ୍କ ପରିଜନଙ୍କୁ ସାଥିରେ ନେଇ ମଦିନା ଆଡ଼କୁ ଯାତ୍ରା କଲେ।

*(ତବକାତୁଲ୍ କୁବ୍‌ରା.......... ଖଣ୍ଡ-୩, ପୃ-୧୬୧..... ବେରୁତ ୧୯୯୦)*

*(ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୨, ପୃ-୪୦୦...... ବେରୁତ)*

ହଜ୍‌ରତ୍ ତଲ୍‌ହା ର:ଅ ଓ ଜୁବୈର୍ ର:ଅ ଯେତେବେଳେ ଇସ୍‌ଲାମ ସ୍ୱୀକାର କଲେ ଅର୍ଥାତ ହିଜ୍‌ରତ୍ କରିବା ପୂର୍ବରୁ ହଜୁର ସ:ଆ:ସ ସେହି ଦୁହିଁଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ। ପୁନଶ୍ଚ ଯେତେବେଳେ ହିଜରତ କରି ହଜ୍‌ରତ୍ ତଲ୍‌ହା ର:ଅ ମଦିନା ଆସିଲେ ସେତେବେଳେ ହଜୁର ସ:ଆ:ସ ତାଙ୍କର ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ। ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସ, ହଜ୍‌ରତ୍ ତଲ୍‌ହା ର:ଅ ଓ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ।'' *(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ସ୍ଥାପନ କରିଥିଲେ । ତୃତୀୟ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ତଲ୍‌ହା ର:ଅ ଓ ଅବିବିନ୍ କାଆବଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ହିଜ୍‌ରତ୍ କରି ହଜ୍‌ରତ୍ ତଲ୍‌ହା ର:ଅ ଅସଦ୍ ବିନ୍ ଜୁରାରା ର:ଅଙ୍କ ଘରେ ଅବସ୍ଥାନ କରିଥିଲେ ।

*(ଉସଦୁଲ୍ ଗାବାଃ......... ଖଣ୍ଡ-୩, ପୃ-୮୫......... ବେରୁତ ୨୦୦୩)*

*(ତବକାତୁଲ୍ କୁବ୍‌ରା.......... ଖଣ୍ଡ-୩, ପୃ-୧୬୨...... ବେରୁତ ୧୯୯୦)*

ହଜ୍‌ରତ୍ ତଲ୍‌ହା ର:ଅଙ୍କ କେତେକ ବିଶେଷ ଅର୍ଥ ଦାନ କରିବାଯୋଗୁଁ ହଜୁର ସ:ଆ:ସ ତାଙ୍କୁ ଫୟାଜ୍ (ଅର୍ଥାତ ଦାନୀ)ର ଆଖ୍ୟା ଦେଇଥିଲେ । ଅତଏବ ଜି କରଦ୍ ଯୁଦ୍ଧ ଅବସରରେ ହଜୁର ସ:ଆ:ସ ଅତିକ୍ରମ ଗୋଟିଏ ନିର୍ଝର ନିକଟରୁ ହେଲା ହଜୁର ସ:ଆ:ସ ସେହି ସଂକ୍ରାନ୍ତରେ ପଚାରିବାରୁ ଲୋକେ କହିଲେ ଯେ, ଏହାର ନାମ ବିସାନ୍ ଅଟେ । ଏହାର ଜଳ ହେଉଛି ଲବଣଯୁକ୍ତ । ହଜୁର ସ:ଆ:ସ କହିଲେ ନା । ଏହାର ନାମ ନୋମାନ୍ ଓ ଏହାର ଜଳ ମଧୁର ତଥା ପବିତ୍ର ଅଟେ । ହଜ୍‌ରତ୍ ତଲ୍‌ହା ର:ଅ ତାହାକୁ କ୍ରୟ କରି ଦାନ କରିଦେଲେ । ଏଥିଅନ୍ତେ ତାହାର ଜଳ ମଧୁର ପାଲଟିଗଲା । ଏକଥା ହଜ୍‌ରତ୍ ତଲ୍‌ହା ର:ଅ ଆସି ହଜୁର ସ:ଆ:ସଙ୍କୁ ଜଣାଇଲେ ସେଥିରେ ହଜୁର ସ:ଆ:ସ କହିଲେ ତଲ୍‌ହା ତୁମେ ତ ଅତି ଦାନୀ । ଉକ୍ତ ଘଟଣାପରେ ତାଙ୍କୁ ଫୈୟାଜ୍ ନାମରେ ଅଭିହିତ କରାଗଲା ।

ମୁସା ବିନ୍ ତଲ୍‌ହା ନିଜ ପିତା ତଲ୍‌ହାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ ହଜୁର ସ:ଆ:ସ ଓ୍ୱହଦ୍ ଯୁଦ୍ଧ ଅବସରରେ ହଜ୍‌ରତ୍ ତଲ୍‌ହା ର:ଅ ଙ୍କ ନାମ ତଲ୍‌ହାତୁଲ୍ ଖୈର୍ ରଖିଥିଲେ । ତବୁକ୍ ଓ ଜି କରଦ୍ ଯୁଦ୍ଧ ଅବସରରେ ହଜ୍‌ରତ୍ ତଲ୍‌ହା ର:ଅଙ୍କ ନାମ ତଲ୍‌ହାତୁଲ୍ ଫୟାଜ ରଖିଲେ । ହୁନୈନ୍ ଯୁଦ୍ଧ ସମୟରେ ହଜ୍‌ରତ୍ ତଲ୍‌ହା ର:ଅଙ୍କ ନାମ ତଲ୍‌ହାତୁଲ୍ ଯୁଦ୍ ରଖିଥିଲେ । ଅର୍ଥାତ ଦାନି ଓ ଫୟାଜ୍ ।

*(ସିରତୁଲ୍ ହଲ୍‌ବିୟା.......... ଖଣ୍ଡ-୨୩ ପୃ-୪୭୮......... ବେରୁତ ୨୦୦୨)*

*(ଉସଦୁଲ୍ ଗାବାଃ......... ଖଣ୍ଡ-୩, ପୃ-୮୫......... ବେରୁତ ୨୦୦୩)*

ସାଇଦ ବିନ୍ ୟଜିଦ୍ ବର୍ଣ୍ଣନା କରନ୍ତି କି ମୁଁ ଯାତ୍ରାରେ ଏବଂ ଅବସ୍ଥାନ ସମୟରେ ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲାଙ୍କ ସାଥିରେ ଥିଲି କିନ୍ତୁ ମତେ ଆପଣଙ୍କଠାରୁ ବଳି ଖର୍ଚ୍ଚ କରିବା ବ୍ୟକ୍ତି ବସ୍ତ୍ର ଓ ଖାଦ୍ୟ ସାମଗ୍ରୀ ଦାନ କରିବା ଲୋକ ଦେଖିବାକୁ ପାଇନାହିଁ ।

*(ତବକାତୁଲ୍ କୁବ୍‌ରା.......... ଖଣ୍ଡ-୩, ପୃ-୧୬୭...... ବେରୁତ ୧୯୯୦)*

ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଓ୍ୱହଦ୍ ଯୁଦ୍ଧ ସମୟରେ ଏକଦା ନିଜ ସାଥିମାନଙ୍କଠାରୁ ପ୍ରାଣବଳୀ ଦେବାର ବୟତ ନେଲେ । ଯେତେବେଳେ ମୁସଲମାନମାନଙ୍କ ଅବସ୍ଥା ପରାଜୟ ଆଡ଼କୁ ଢ଼ଳି ଯାଇଥିଲା ସେତେବେଳେ ସେମାନେ ଦୃଢ଼ତାର ସହ ରଣ କ୍ଷେତ୍ରରେ ଦଣ୍ଡାୟମାନ ରହିଥିଲେ ଏବଂ ନିଜ ପ୍ରାଣର ଭ୍ରୁକ୍ଷେପ ନକରି ହଜୁର ସ:ଆ:ସଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ ଓ ସେଥିରେ ଅଟଳ ରହିଥିଲେ ଏପରି କି, ସେମାନଙ୍କ ମଧ୍ୟରୁ କେତେକ ଶହୀଦ ହୋଇଗଲେ ଉକ୍ତ ବୟତକାରୀଙ୍କ ମଧ୍ୟରେ ହଜ୍‌ରତ୍ ଅବୁବକର୍, ହଜ୍‌ରତ୍ ଉମର୍,ହଜ୍‌ରତ୍ ତଲ୍‌ହ, ହଜ୍‌ରତ୍ ସାଆଦ୍, ଏବଂ ହଜ୍‌ରତ୍ ସୁହୈଲ୍ ବିନ୍ ହନିଫ୍ ଓ ହଜ୍‌ରତ୍ ଅବୁ ହଜାନା ସାମିଲ ଥିଲେ ।

*(ଅଲ୍ ଅସାବାଃ........ ଖଣ୍ଡ-୩, ପୃ-୪୩୧....... ବେରୁତ ୨୦୦୫)*

ହଜ୍‌ରତ୍ ତଲହ୍ ର:ଅ ଓ୍ୱହଦ୍ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସାଥିରେ ସାମିଲ ଥିଲେ । ସେ ସେମାନଙ୍କ ମଧ୍ୟରେ ଥିଲେ ଯିଏ ହଜୁର ସ:ଆ:ସଙ୍କ ଦୃଢ଼ତାର ସହ ଦଣ୍ଡାୟମାନ ଥିଲେ । ମାଲିକ ବିନ୍ ଜହିର୍ ହଜୁର ସ:ଆ:ସଙ୍କୁ ତୀର ନିକ୍ଷେପ କଲା ଅମାନ୍ୟକାରୀ ସେତେବେଳେ ହଜ୍‌ରତ୍ ତଲ୍‌ହା ହଜୁର ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳ ସମ୍ମୁଖରେ ନିଜର ହାତ ରଖିଦେଲେ ଯଦ୍ୱାରା ତାଙ୍କ ଛୋଟ ଆଙ୍ଗୁଳିକୁ ତୀରଟି ଭେଦ କରି ତାହାକୁ ବେକାର କରିଦେଇଥିଲା । ଯେତେବେଳେ ତାଙ୍କୁ ତୀର ବାଜିଲା ସେତେବେଳେ କଷ୍ଟରେ ତାଙ୍କ ମୁଖରୁ କିଛି ଶବ୍ଦ ବାହାରିଲା । ଏଥିରେ ହଜୁର ସ:ଆ:ସ କହିଲେ ଯଦି ସେତେବେଳେ ସେ ବିସ୍‌ମିଲ୍ଲାଃ ପାଠ କରିଥାନ୍ତେ ତେବେ ବୈକୁଣ୍ଠରେ ପ୍ରବେଶ କରୁଥିବାର ଲୋକେ ତାଙ୍କୁ ପରିଲକ୍ଷିତ କରିଥାନ୍ତେ । ସେ ଯାହା ହେଉ ଇତିହାସ ପୃଷ୍ଠାରେ ଦରଜ ରହିଛି । ଯେ ସେଦିନ ହଜ୍‌ରତ୍ ତଲ୍‌ହାଙ୍କ ମୁଣ୍ଡକୁ ଜଣେ ମୁସ୍‌ରିକ୍ ଦୁଇଥର ଆଘାତ କରିଥିଲା । ପ୍ରଥମଥର ଯେତେବେଳେ ସେ ତା ଆଡ଼କୁ ଯାଉଥିଲେ ଦ୍ୱିତୀୟଥର ଯେବେ ସେ ତାଙ୍କଠାରୁ ମୁହଁ ଫେରାଇ ଆସୁଥିଲେ । କେବଳ ସେଥିରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା ।

*(ତବକାତୁଲ୍ କୁବ୍‌ରା.......... ଖଣ୍ଡ-୩, ପୃ-୧୬୨-୧୬୩...... ବେରୁତ ୧୯୯୦)*

ଉକ୍ତ ଘଟଣାର ବାଖ୍ୟା ସିରତୁଲ୍ ହଲ୍‌ବିୟାରେ ପରିବର୍ତ୍ତିତ ରହିଛି କି କୈସ୍ ବିନ୍ ଅବୁ ହାକିମ୍ କୁହନ୍ତି କି, ମୁଁ ଓ୍ୱହଦ୍ ଯୁଦ୍ଧରେ ହଜ୍‌ରତ୍ ତଲ୍‌ହାଙ୍କ ହାତ ଦେଖିଲି । ତାହା ହଜୁର ସ:ଆ:ସଙ୍କୁ ତୀର ଲାଗିବାରୁ ରକ୍ଷା କରିବାରେ କ୍ଷତବିକ୍ଷତ ହୋଇ ସମ୍ପୂର୍ଣ୍ଣ ରୂପେ ଅକର୍ମଣ୍ୟ ହୋଇଯାଇଥିଲା । ଆଉ ଏକ ଉଲ୍ଲେଖ୍ୟ ଅନୁଯାୟୀ ତାଙ୍କ ହାତରେ ବର୍ଚ୍ଛା ଲାଗି ଏଭଳି ରକ୍ତସ୍ରାବ ହୋଇଥିଲା ଯଦ୍ୱାରା ସେ ମୁର୍ଚ୍ଛା ହୋଇଯାଇଥିଲେ । ହଜ୍‌ରତ୍ ଅବୁବକର ର:ଅ ତାଙ୍କ ମୁଖରେ ପାଣି ଛିଟଂାଡ଼ିବାରୁ ସେ ଚେତା ଫେରିପାଇଥିଲେ । ଚେତା ଆସିବାପରେ ସେ ସଙ୍ଗେସଙ୍ଗେ ପ୍ରଶ୍ନ କରିଥିଲେ ଯେ, ହଜୁର ସ:ଆ:ସଙ୍କ ଅବସ୍ଥା କିପରି ଅଛ ? ହଜ୍‌ରତ୍ ଅବୁବକର ର:ଅ ଉତର ଦେଇଥିଲେ ଯେ, ହଜୁର ସୁରକ୍ଷିତ ଅଛନ୍ତି । ସେ ହିଁ ମତେ ଆପଣଙ୍କ ନିକଟକୁ ପ୍ରେରଣ କରିଛନ୍ତି ଏଥିରେ ସେ କହିଲେ, ଅଲ୍‌ହମ୍‌ଦୁଲ୍‌ଲାଃ କୁଲ୍ ମୁସିବତିନ୍ ବାଦହୁ ଜଲୁଲ ଅର୍ଥାତ ସମସ୍ତ ପ୍ରଶଂସା ସେହି ଐଶର୍ଯ୍ୟମୟ ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ପ୍ରତ୍ୟେକ ସମସ୍ୟା ହଜୁର ସ:ଆ:ସଙ୍କ ଅନ୍ତେ ତୁଚ୍ଛ ଓ ନ୍ୟୁନ ଅଟେ । *(ସିରତୁଲ୍ ହଲ୍‌ବିୟା.......... ଖଣ୍ଡ-୨, ପୃ-୩୨୪......... ବେରୁତ ୨୦୦୨)*

ସେହି ଯୁଦ୍ଧର ଗୋଟିଏ ଘଟଣା ଇତିହାସ ପୃଷ୍ଠାରେ ଏଭଳି ଉଲ୍ଲେଖ ରହିଛି କି ହଜ୍‌ରତ୍ ଜୁବୈର୍ ବର୍ଣ୍ଣନା କରନ୍ତି କି, ଓ୍ୱହଦ୍ ଯୁଦ୍ଧରେ ହଜୁର ସ:ଆ:ସ ଦୁଇଟି କବଚ ପରିଧାନ କରିଥିଲେ । ଆପଣ ଚଟାଣ ଉପରକୁ ଚଢ଼ିବାକୁ ଚେଷ୍ଟା କରିଥିଲେ କିନ୍ତୁ କବଚର ଓଜନ ତଥା ମୁଣ୍ଡ ଓ ଚେହେରାରେ ଆଘାତ ଲାଗିଥିବା ଯୋଗୁଁ ଓ ରକ୍ତସ୍ରାବ ହୋଇଥିବା ଯୋଗୁଁ ଆପଣ ଚଟାଣ ଉପରକୁ ଚଢ଼ିପାରିନଥିଲେ । ସେତେବେଳେ ହଜୁର ହଜ୍‌ରତ୍ ତଲହ୍ ର:ଅଙ୍କୁ ବସାଇ ତାଙ୍କ ଉପରେ ପାଦ ରଖି ଚଟାଣ ଉପରକୁ ଚଢ଼ିଥିଲେ । ହଜ୍‌ରତ୍ ଜୁବୈର୍ କୁହନ୍ତି ମୁଁ ହଜୁର ସ:ଆ:ସଙ୍କୁ ଏହା କହିବାରୁ ଶୁଣିଲି କି, ହଜ୍‌ରତ୍ ତଲହ୍ ର:ଅ ନିଜ ପାଇଁ ବୈକୁଣ୍ଠକୁ ଅନିର୍ବାଯ୍ୟ କରିଦେଲେ ଅର୍ଥାତ ଏହି କର୍ମ ଦ୍ୱାରା ।

*(ସିରତୁଲ୍ ହଲ୍‌ବିୟା.......... ଖଣ୍ଡ-୨, ପୃ-୩୨୧......... ବେରୁତ ୨୦୦୨)*

*(ଉସଦୁଲ୍ ଗାବାଃ......... ଖଣ୍ଡ-୩, ପୃ-୮୫......... ବେରୁତ)*

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ତଲହ୍ ର:ଅଙ୍କ ଗୋଟିଏ ଗୋଡ଼ ଛୋଟା ଥିବା ଯୋଗୁଁ ସେ ସଠିକ୍ ରୂପେ ଚାଲି ପାରୁନଥିଲେ । ଯେତେବେଳେ ସେ ହଜୁର ସ:ଆ:ସଙ୍କୁ ଉଠାଇଲେ ସେତେବେଳେ ସେ ଆସ୍ତେ ଆସ୍ତେ ପାଦ ରଖି ଚାଲିବାକୁ ଚେଷ୍ଟା କରୁଥିଲେ କାରଣ ଛୋଟାଇ ଛୋଟାଇ ଚାଲିବା ଯୋଗୁଁ ହଜୁର ସ:ଆ:ସଙ୍କୁ କଷ୍ଟ ନ ହଉ । ଏଥିଅନ୍ତେ ତାଙ୍କର ଲଙ୍ଗଡ଼ାପଣ ସମ୍ପୁର୍ଣ୍ଣ ରୂପେ ଦୁରେଇ ଯାଇଥିଲା ।

*(ସିରତୁଲ୍ ହଲ୍‌ବିୟା ଖଣ୍ଡ-୨, ପୃ-୩୨୨....... ବେରୁତ ୨୦୦୨)*

ଆଇସା ଓ ଉମ୍ମେ ଇସ୍‌ହାକ ଯେଉଁମାନେ ହଜ୍‌ରତ୍ ଅବୁ ତଲ୍‌ହା ର:ଅଙ୍କ ଦୁଇ କନ୍ୟା ଥିଲେ ସେମାନେ କୁହନ୍ତି ଓ୍ୱହଦ ଯୁଦ୍ଧରେ ଆମ ପିତାଙ୍କ ଶରୀରରେ ଚବିଶ ଟି ସ୍ଥାନରେ ଆଘାତ ଲାଗିଥିଲା । ସେଥିମଧ୍ୟରୁ ଗୋଟିଏ ଗୋଲାକାର ଆଘାତ ମୁଣ୍ଡରେ ଲାଗିଥିଲା ଏବଂ ଗୋଟିଏ ଗୋଡ଼ର ଶିରା କଟିଯାଇଥିଲା । ଆଙ୍ଗୁଳି ବେକାର ହୋଇଯାଇଥିଲା ତଥା ଶରୀରର ଅନ୍ୟ ଭାଗରେ ଏଭଳି ଆଘାତ ଲାଗିଥିଲା ଯେ, ଆପଣ ଅଚେତ ହୋଇପଡୁଥିଲେ । ହଜୁର ସ:ଆ:ସଙ୍କ ସମ୍ମୁଖ ଦୁଇଟି ଦାନ୍ତ ଭାଙ୍ଗି ଯାଇଥିଲା ଏବଂ ମୁଖରେ ମଧ୍ୟ ଆଘାତ ଲାଗିଥିଲା । ଯାହା ପ୍ରଭାବରେ ଆପଣ ସ:ଆ:ସଙ୍କ ଉପରେ ମଧ୍ୟ ଚେତା ହରାଇବା ଅବସ୍ଥା ଆଚ୍ଛାଦିତ ଥିଲା । ହଜ୍‌ରତ୍ ତଲହ୍ ର:ଅ ଆପଣଙ୍କୁ ଉଠାଇ ଓଲଟା ପାଦରେ ଏପରି ପଛକୁ ଅଗ୍ରସର ହେଉଥିଲେ କି, ଇତି ମଧ୍ୟରେ ଯେଉଁ ଅମାନ୍ୟକାରୀମାନେ ଆପଣଙ୍କ ସମ୍ମୁଖକୁ ଆସୁଥିଲା । ସେ ତାହା ସହିତ ଲଢ଼େଇ କରି ତାହାକୁ ଅତିକ୍ରମ କରିଯାଉଥିଲେ । ଏପରି ସେ ହଜୁର ସ:ଆ:ସଙ୍କୁ ଘାଟିରେ ପହଂଚାଇ ଦେଇଥିଲେ ।

*(ତବକାତୁଲ୍ କୁବ୍‌ରା........ ଖଣ୍ଡ-୩, ପୃ-୧୬୩....... ବେରୁତ ୧୯୯୦)*

ତବକାତୁଲ୍ କୁବ୍‌ରାର ଦ୍ରଷ୍ଟବ୍ୟ ରହିଛି କି ଓ୍ୱହଦ୍ ଯଦ୍ଧ ଦିନ ଯେତେବେଳେ ଖାଲିଦ୍ ବିନ୍ ଓ୍ୱଲିଦ୍ ମୁସଲମାନମାନଙ୍କ ଉପରେ ହଠାତ୍ ଆକ୍ରମଣ କରିଦେଲେ, ମୁସଲମାନମାନଙ୍କ ମଧ୍ୟରେ ଛାନିଆ ସୃଷ୍ଟି ହୋଇଗଲା । ଏହାର ନକ୍ସା ଟାଣି ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି କି ବିଭିନ୍ନ ଆଲେଖ୍ୟ ସଂଗ୍ରହ କରି ଯାହାକି ପୂର୍ବରୁ ମୁଁ ଆଲୋଚନା କରିଆସିଲି । ସେଥିରେ ଅନେକ ବାଖ୍ୟା ଏପରି ଦରଜ ରହିଛି କି, ହଜ୍‌ରତ୍ ତଲହ୍ ର:ଅଙ୍କ ବିଶ୍ୱାସରେ ଦୃଢ଼ତାର ସହ ଦଣ୍ଡାୟମାନ ରହିବା ଓ ବଳିଦାନ ର ସ୍ତରର ଏକ ଅଦ୍ଭୁତପୂର୍ଣ୍ଣ ଦୃଶ୍ୟ ଦେଖିବାକୁ ମିଳୁଅଛି । ଯଦିଚ ସେ ସବୁ ପୂର୍ବେ ଦେଖି ଓ ଶୁଣି ସାରିଛେ ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ’’

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ’’

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

କିନ୍ତୁ ନିଃସନ୍ଦେହ ଏହାର ଅଧିକ ବାଖ୍ୟା ଏପରି ଉଲ୍ଲେଖ ରହିଛି କି ।

କିଛି ସାହାବା ଦଉଡ଼ି ଯାଇ ହଜୁର ସ:ଆ:ସଙ୍କ ନିକଟରେ ଏକାଠି ହୋଇଯାଇଥିଲେ । ଅର୍ଥାତ ହଜୁର ସ:ଆ:ସଙ୍କୁ ଘେରି ଯାଇଥିଲେ । ଯେଉଁମାନଙ୍କ ସଂଖ୍ୟା ଅର୍ଥାତ ଉକ୍ତ ସାହାବାମାନଙ୍କ ସଂଖ୍ୟା ପାଖାପାଖି ୩୦ ଥିଲା । ଅମାନ୍ୟକାରୀ ମାନେ ଅତି ନିର୍ମମ ଭାବରେ ହଜୁର ସ:ଆ:ସଙ୍କ ଉପରେ ଆକ୍ରମଣ କରି ଚାଲିଥିଲେ । ଜଣକ ପରେ ଜଣେ ହଜୁରଙ୍କ ସୁରକ୍ଷା କରିବାରେ ସାହାବାମାନେ ଶହୀଦ ହୋଇଥିଲେ । ତୀର ନିକ୍ଷେପକାରୀ କ୍ଷୁଦ୍ର ପର୍ବତ ଅର୍ଥାତ ଉଚ୍ଚ ଚଟାଣ ଉପରେ ଛିଡ଼ା ହୋଇ ହଜୁର ସ:ଆ:ସଙ୍କ ଉପରକୁ ତୀର ବର୍ଷଣ କରୁଥିଲେ । ଏହା ଦେଖି ହଜରତ୍ ତଲହା୍ ର:ଅ ହଜୁର ସ:ଆ:ସଙ୍କ ମୁଖ ସମ୍ମୁଖରେ ନିଜର ହାତ ରଖିଦେଇଥିଲେ ଗୋଟିଏ ପରେ ଗୋଟିଏ ତୀର ତାଙ୍କ ହାତରେ ଭେଦ କରିଯାଇଥିଲା । କିନ୍ତୁ ମହାବୀର ଓ ବିଶ୍ୱସ୍ତ ସାହାବି ନିଜ ହାତକୁ ତିଳେମାତ୍ର ଆନ୍ଦୋଳିତ ହେବାକୁ ଦେଇନଥିଲେ । ଏପରି ଏକାଧିକ ତୀର ତାଙ୍କ ହାତକୁ କ୍ଷତବିକ୍ଷତ କରିଦେବା ଯୋଗୁଁ ତାହା ସମ୍ପୂର୍ଣ୍ଣରୂପେ ବେକାର ହୋଇଯାଇଥିଲା ଏବଂ ତାଙ୍କର ଗୋଟିଏ ହାତ ବାକି ରହିଯାଇଥିଲା ଅନେକ ବର୍ଷପରେ ଚତୁର୍ଥ ଖଲିଫାଙ୍କ ସମୟରେ ଯେବେ ମୁସଲମାନମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ ହୋଇଥିଲା, ସେତେବେଳେ କେହି ଜଣେ ଶତ୍ରୁ ଉପହାସ ପୂର୍ବକ ତାଙ୍କୁ ଟୁଣ୍ଡା କହିଦେଇଥଲେ । ଏଥିରେ ଆଉ ଜଣେ ସାହାବି ତାଙ୍କୁ କହିଲେ ହଁ ସେ ଜଣେ ଟୁଣ୍ଡା ସାହାବି କିନ୍ତୁ କିଭଳି ଭାଗ୍ୟବାନ ଟୁଣ୍ଡା କଣ ତୁମକୁ ଜଣା ଅଛି ଯେ, ହହଜରତ୍ ତଲହା୍ ର:ଅଙ୍କ ହାତଟି ହଜୁର ସ:ଆ:ସଙ୍କ ପବିତ୍ର ମୁଖର ସୁରକ୍ଷା କରିବାରେ ଏପରି ଅବସ୍ଥା ହୋଇଛି । ଓ୍ୱହଦ୍ ଯୁଦ୍ଧ ପରେ କେହି ଜଣେ ତଲହାଙ୍କୁ ପଚାରିଲେ କି ଯେତେବେଳେ ତୀର ତୁମ ହାତରେ ପ୍ରବେଶ କରୁଥିଲା ସେତେବେଳେ ତୁମକୁ କଷ୍ଟ ଅନୁଭବ ହେଉନଥିଲା ଓ ଆପଣଙ୍କ ମୁଖରୁ କଷ୍ଟରେ ଆହାଃ ଶବ୍ଦ ଉଚ୍ଚାରିତ ହେଉନଥିଲା କି ? ତଲହା ଉତର ଦେଲେ କଷ୍ଟ ବି ହେଉଥିଲା ଓ ଆହାଃ ସର ବାହାରିବାକୁ ମଧ୍ୟ ଚାହୁଁଥିଲା କିନ୍ତୁ ମୁଁ ଏପରି କରୁନଥିଲି ଯଦ୍ୱାରା ଏହା ନ ହୋଇଯାଉ କି ମୋ ହାତ ଆନ୍ଦୋଳିତ ହୋଇଯିବ ଓ କୌଣସି ତୀର ହଜୁର ସ:ଆ:ସଙ୍କୁ ଲାଗିଯିବ" ।

*(ଦିବାୟା ତଫସିରୁଲ୍ କୁରଆନ୍ ଅନ୍ୱାରୁଲ୍ ଓ୍ୱଲୁମ୍ ଖଣ୍ଡ-୨୦, ପୃ-୨୫୦)*

ଉମ୍‌ରାଉଲ୍ ଅସଦ୍ ଯୁଦ୍ଧ ସମୟରେ ଶତ୍ରୁପଛରେ ବାହାରିବା ଅବସରରେ ହଜୁର ସ:ଆ:ସ ହଜରତ୍ ତଲହା୍ ର:ଅଙ୍କୁ ମିଳିଲେ । ହଜୁର ତାଙ୍କୁ ପଚାରିଲେ ତଲହା ତୁମ ଅସ୍ତ୍ର କେଉଁଠାରେ ? ସେ ଉତର ଦେଲେ ପାଖରେ ରହିଛି । ଏହା କହି ସେ ଚଂଚଳ ଗଲେ ଓ ନିଜ ଅସ୍ତ୍ର ନେଇ ଆସିଲେ । ସେତେବେଳେ କେବଳ ତାଙ୍କ ଛାତିରେ ନଅ ଟି ଆଘାତ ଲାଗିଥିଲା ଓ ଓ୍ୱହଦ୍ ଯୁଦ୍ଧରେ ସମୁଦାୟ ୭୦ଟି ଆଘାତ ତାଙ୍କ ଶରୀରରେ ଲାଗିଥିଲା । କିନ୍ତୁ ସେ ନିଜ ଶରୀରରେ ଲାଗିଥିବା ଆଘାତ ଅପେକ୍ଷା ହଜୁର ସ:ଆ:ସଙ୍କ ଲାଗି ଅଧିକ କଷ୍ଟ ଅନୁଭବ କରିଥିଲେ ଓ ଅଧିକ ଚିନ୍ତିତ ଥିଲେ । ହଜୁର ସ:ଆ:ସ ମୋ ନିକଟକୁ ଆସିଲେ । ଅର୍ଥାତ ହଜ୍‌ରତ୍ ତଲହା୍ ର:ଅ କହୁଛନ୍ତି ହଜୁର ସ:ଆ:ସ ମୋ ନିକଟକୁ ଆସିଲେ ଓ ପଚାରିଲେ ତୁମେ ଶତ୍ରୁଙ୍କୁ କେଉଁଠାରେ ଦେଖିଥିଲ ? ମୁଁ ଉତର ଦେଲି ନଶିବି ଅଚଂଳରେ ହଜୁର ପୁନଶ୍ଚ କହିଲେ ମୋର ମଧ୍ୟ ଅନୁମାନ ଏହା ହିଁ ଥିଲା । ଯେଉଁ ପର୍ଯ୍ୟନ୍ତ କୁରେଶର ସମ୍ପର୍କ ଥିଲା ହଜୁର ସ:ଆ:ସ କହିଲେ ସେମାନଙ୍କର ଆମ ସହିତ ଭବିଷ୍ୟତରେ କଦାପି ଏଭଳି ମୁକାବିଲା କରିବାର ସୁଯୋଗ ମିଳିବ ନାହିଁ । ଏପରି ପ୍ରଭୁ ଆମକୁ ମକ୍କା ଉପରେ ବିଜୟର ଧ୍ୱଜା ପ୍ରଦାନ କରିଦେବେ । ଏପରି କି ଅର୍ଥାତ ଆମେ ସେମାନଙ୍କ ଉପରେ ବିଜୟ ପ୍ରାପ୍ତ କରିନେବା ଓ ହଜୁର ଆମକୁ ତାଙ୍କ ଉପରେ ବିଜୟ ପ୍ରଦାନ କରିବେ ।

*(ସିରତୁଲ୍ ହଲବିୟା ଖଣ୍ଡ-୨, ପୃ-୩୫୦-୩୫୧...... ବେରୁତ ୨୦୦୨)*

ତବୁକ୍ ଯୁଦ୍ଧ ଅବସରରେ ହଜୁର ସ:ଆ:ସଙ୍କୁ ସୁଚନା ମିଳିଲା ଯେ, କେତେକ ଅମାନ୍ୟକାରୀ ସୋଏଲମ୍ ଇହୁଦୀଙ୍କ ଘରେ ଶରଣ ନେଇଛନ୍ତି । ତାହାର ଘର ଯାସୁମ୍ ନାମକ ସ୍ଥାନରେ ଅବସ୍ଥିତ ଥିଲା । ତାହା ସିରିଆ ଦେଶ ଦିଗରେ ଅବୁ ହୈସମ୍ ବିନ୍ ତିହାନ୍ ର କୂପ ଥିଲା । ଏବଂ ତାହାର ପାନୀୟ ଅତ୍ୟନ୍ତ ମଧୁର ଥିଲା । ହଜୁର ସ:ଆ:ସ ଜଳ ପାନ କରିଥିଲେ । ହଜୁର ହଜରତ୍ ତଲହା୍ ର:ଅଙ୍କ ସାଥିରେ କେତେକ ସାହାବିଙ୍କୁ ସେମାନଙ୍କ ନିକଟକୁ ପ୍ରେରଣ କଲେ ଏବଂ ଆଦେଶ ଦେଲେ କି, ସୋଏଲମ୍ ଘରକୁ ନିଆଁ ଲଗାଇଦେବ । ହଜ୍‌ରତ୍ ତଲହା୍ ର:ଅ ଏହିପରି ହିଁ କରିଥିଲେ ସେତେବେଳେ ଜିହାକ୍ ବିନ୍ ଖଲିଫା ଘରର ପଛପଟେ ରାସ୍ତାରେ ଖସି ପଳାଇଯିବାକୁ ବାହାରିଲା । କିନ୍ତୁ ତାହାର ଗୋଟେ ଗୋଡ଼ ଭାଙ୍ଗିଗଲା ଓ ତାହାର ବାକି ସାଥିମାନେ ଫେରାର ହୋଇଯାଇଥିଲେ ।

*(ସିରତୁନ୍ ନବଓ୍ୱିୟା....... ଖଣ୍ଡ-୨, ପୃ-୫୧୭...... ମିସର୍ ୧୯୫୫)*

*(ଫରହଙ୍ଗ୍ ସିରତ୍........ ପୃ-୮୪........ କରାଚି ୨୦୦୩)*

ହଜ୍‌ରତ୍ ଅଲୀ ର:ଅ କୁହନ୍ତି ମୁଁ ହଜୁର ସ:ଆ:ସଙ୍କୁ ଏହା କହିବାର ଶୁଣିଲି ଯେ,

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | Aconite - 200 | Arsenic Alb - 200 | Gelsemium - 200 |
| (ii) | Chelidonium Maj - 1x | | |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୂପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଡ୍ରୋକେ ଦି ଡ୍ରୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତଦ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଡ୍ରୋକେ ଦି ଡ୍ରୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | Influenzinum-200 | Bacillinum-200 | Diphtherinum-200 |

ଗୋଟିଏ ସପ୍ତାହ ସକାଳେ ଓ ସଂଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | Arnica-30 | Baptisea-30 | Arsenic Alb-30 |
| | Heper Sulph-30 | Nat. Sulph-30 | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | Chelidonium Maj - 1x |

ଦଶ ବୁନ୍ଦା ଡ୍ରୋକେ ଦୁଇ ଡ୍ରୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family, Jamat Ahmadiyya, Pankal (Odisha)*

ହଜ୍‌ରତ୍ ତଲ୍‌ହା ର:ଅ ଓ ଜୁବୈର୍ ର:ଅ ବୈକୁଣ୍ଠରେ ମୋର ଦୁଇଜଣ ପଡ଼ୋଶି ।

*(ଉସଦୁଲ୍ ଗାବାଃ......... ଖଣ୍ଡ-୩, ପୃ-୮୬......... ବେରୁତ ୨୦୦୩)*

ତବୁକ୍ ଯୁଦ୍ଧରେ ସାମିଲ ହେବାରୁ ପଛରେ ରହିଯିବା ସାହାବିମାନଙ୍କ ମଧ୍ୟରେ ହଜ୍‌ରତ୍ କାଆବ୍ ବିନ୍ ମାଲିକ୍ ଥିଲେ । ଫଳସ୍ୱରୂପ ତାଙ୍କୁ ବାଛନ୍ଦ କରିଦିଆ ଯାଇଥିଲା । ୪୦ ଦିନ ପରେ ଅର୍ଥାତ ୪୦ ଦିନ ଅନୁତାପ କରିବାପରେ କ୍ଷମା ଯାଚନା କରିବାପରେ ଯେତେବେଳେ ତାଙ୍କ ତୌବା ସ୍ୱୀକାର ହେଲା ସେତେବେଳେ ତାଙ୍କ କ୍ଷମା ସ୍ୱୀକାର ହୋଇଥିବାର ମସଜିଦ୍‌ରେ ଘୋଷଣା କରାଗଲା ଏବଂ ସେ ଆସି ହଜୁର ସ:ଆ:ସଙ୍କ ନିକଟରେ ହଜାର ହେଲେ । ହଜ୍‌ରତ୍ ତଲ୍‌ହା ର:ଅ ଆଗକୁ ବଢ଼ି କାଆବ୍‌ଙ୍କ ସହିତ ହାତ ମିଳାଇଲେ ଓ ସୁଭେଚ୍ଛା ଜଣାଇଲେ । ତାଙ୍କ ବ୍ୟତିତ ଅନ୍ୟ କେହି ଉକ୍ତ ସଭାରେ ଉଠି କାଆବ୍‌ଙ୍କ ସହିତ ସାକ୍ଷାତ କରିନଥିଲେ । ହଜ୍‌ରତ୍ କାଆବ୍ ର:ଅ କୁହନ୍ତି । ମୁଁ ଆଜୀବନ ହଜ୍‌ରତ୍ ତଲ୍‌ହା ର:ଅଙ୍କର ଏହି ଆଚରଣକୁ ଭୁଲିପାରିବି ନାହିଁ । *(ରୋଶନ୍ ସିତାରେ....... ଖଣ୍ଡ-୨, ପୃ-୧୪୫)*

ହଜ୍‌ତର୍ ସଇଦ୍ ବିନ୍ ଜୈଦ୍ ର:ଅ ବର୍ଣ୍ଣନା କରନ୍ତି, ଯେ ମୁଁ ନଅ ଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଏହି କଥାର ସାକ୍ଷ୍ୟ ଦେଉଅଛି ଯେ, ସେମାନେ ହେଉଛନ୍ତି ସ୍ୱର୍ଗବାସୀ ଓ ଦଶମ ଲୋକର ଖବର ଯଦି ଦେବି ତେବେ ମୁଁ ପାପି ହେବିନାହିଁ । ଯେତେବେଳେ ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ହୀରା ପର୍ବତ ଉପରେ ଥିଲୁ । ସେତେବେଳେ ତାହା ହଲିବାକୁ ଲାଗିଲା । ଏହା ଦେଖି ହଜୁର ସ:ଆ:ସ କହିବାକୁ ଲାଗିଲେ ଯେ, ହୀରା ପର୍ବତ ରହିଯା । ନିଶ୍ଚିତରୂପେ ତୋ ଉପରେ ଜଣେ ନବୀ କିମ୍ବା ସିଦ୍ଦିକ୍ କିମ୍ବା ଶହୀଦ ବ୍ୟକ୍ତି ବ୍ୟତିତ ଅନ୍ୟ କେହି ନାହାନ୍ତି । ପଚରାଗଲା ତାହେଲେ ଏମାନେ କିଏ ? ହଜ୍‌ରତ୍ ସଇଦ୍ ର:ଅ କହିଲେ, ରସୁଲୁଲ୍ଲାଃ ସ:ଆ:ସ, ହଜ୍‌ରତ୍ ଅବୁବକର, ହଜ୍‌ରତ୍ ଉମର, ହଜ୍‌ରତ୍ ଉସ୍‌ମାନ, ହଜ୍‌ରତ୍ ତଲ୍‌ହା, ହଜ୍‌ରତ୍ ଜୁବୈର୍, ହଜ୍‌ରତ୍ ସାଆଦ୍ ଓ ହଜ୍‌ରତ୍ ଅବଦୁର୍ ରହ୍‌ମାନ ବିନ୍ ଅଓଫ୍ ପଚାରାଗଲା ଯେ ଦଶ ନମ୍ବର ବ୍ୟକ୍ତି କିଏ ? ତେବେ ସଇଦ୍ ର:ଅ କିଛି ସମୟ ରହିଲେ ଓ ପୁନଶ୍ଚ କହିଲେ ଯେ, ସେହି ଦଶ ନମ୍ବର ବ୍ୟକ୍ତି ହେଉଛି ମୁଁ ନିଜେ ।

*(ସୁନନେ ତିର୍‌ମିଜି....... ହଦିସ୍ ୩୭୫୭)*

ହଜ୍‌ରତ୍ ସଇଦ ବିନ୍ ଜୁବୈର୍ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଉମର୍, ହଜରତ ଉସ୍‌ମାନ, ହଜ୍‌ରତ୍ ଅଲୀ, ହଜ୍‌ରତ୍ ତଲ୍‌ହା ର:ଅ, ହଜରତ ଜୁବୈର୍, ହଜ୍‌ରତ୍ ସାଆଦ୍, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍, ହଜରତ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ମର୍ଯ୍ୟାଦା ଏପରି ଥିଲା କି ଯୁଦ୍ଧ ଭୂମିରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଗେ ଆଗେ ଏମାନେ ଲଢୁଥିଲେ ଏବଂ ନମାଜରେ ଏମାନେ ହଜୁର ସ:ଆ:ସଙ୍କ ପଛରେ ଛିଡ଼ା ହେଉଥିଲେ ।

*(ଉସଦୁଲ୍ ଗାବାଃ......... ଖଣ୍ଡ-୨, ପୃ-୪୭୮......... ବେରୁତ ୨୦୦୩)*

ହଜ୍‌ରତ୍ ଜାବିର୍ ବିନ୍ ଅବଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେଉଁ ବ୍ୟକ୍ତି କୌଣସି ଶହୀଦ ବ୍ୟକ୍ତିକୁ ଚଳତକ୍ଷମ ଜୀବିତ ଦେଖିବାକୁ ଇଚ୍ଛୁକ ତେବେ ସେ ତଲ୍‌ହା ବିନ୍ ଉବୈଦୁଲ୍ଲାଃଙ୍କୁ ଦେଖି ନେଉ ।

ହଜ୍‌ରତ୍ ମୁସା ବିନ୍ ତଲ୍‌ହା, ହଜ୍‌ରତ୍ ଇସା ବିନ୍ ତଲ୍‌ହା ନିଜର ପିତା ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃଙ୍କ ଠାରୁ ବର୍ଣ୍ଣନା କରନ୍ତି,ଜଣେ ଗାଉଁଲି ବ୍ୟକ୍ତି ଆଁ ହଜ୍‌ରତ ସ:ଆ:ସଙ୍କୁ କହିଲା ଯେ, ମନ୍ କଜା ନହ୍‌ବହୁ ଚରିତାର୍ଥ କିଏ ? ସେହି ବ୍ୟକ୍ତି ତିନିଥର ଉକ୍ତ ପ୍ରଶ୍ନକୁ ଦୋହରାଇଥିଲେ । ଏହା ପରେ ହଜୁର ସ:ଆ:ସ ହଜ୍‌ରତ୍ ତଲ୍‌ହା ର:ଅଙ୍କ ଆଡ଼କୁ ଇଙ୍ଗିତ କରି କହିଲେ ଏ ହେଉଛନ୍ତି ମନ୍ କଜା ନହ୍‌ବହୁ ର ଚରିତାର୍ଥ ।

*(ଉସଦୁଲ୍ ଗାବାଃ......... ଖଣ୍ଡ-୩, ପୃ-୮୬......... ବେରୁତ ୨୦୦୩)*

ଅବଦୁର୍ ରହ୍‌ମାନ୍ ବିନ୍ ଉସ୍‌ମାନ କୁହନ୍ତି ଥରେ ଆମେମାନେ ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର:ଅଙ୍କ ସହିତ ଥିଲୁ ଆମେମାନେ ଏହ୍‌ରାମ୍ ବାନ୍ଧି ରଖିଥିଲୁ ଜଣେ ଅପରିଚିତ ବ୍ୟକ୍ତି ଆମ ନିକଟକୁ ଗୋଟିଏ ପକ୍ଷୀଟିଏ ଉପହାର ଆଣି ଆସିଲା । ହଜ୍‌ରତ୍ ତଲ୍‌ହା ର:ଅ ତାହାକୁ ସେବନ କଲେ ଏବଂ କହିଲେ ଯେ, ଆମେ ମଧ୍ୟ ଏହ୍‌ରାମ୍ ଥିବା ଅବସ୍ଥାରେ ଅନ୍ୟ ଶୀକାର କରିଥିବା ଜୀବ ବା ପକ୍ଷୀକୁ ହଜ୍‌ରତ୍ ସ:ଆ:ସଙ୍କ ଉପସ୍ଥିତିରେ ଖାଇଥିଲୁ ।

*(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍ ଖଣ୍ଡ-୩, ପୃ-୭....... ହଦୀସ୍ ୧୩୮୩..... ୨୦୦୧)*

ହଜ୍‌ରତ ଉମର୍ ର:ଅଙ୍କ ସ୍ୱାଧୀନ ପ୍ରାପ୍ତ ଦାସ ଅସଲମ୍‌ଙ୍କ ଠାରୁ ବର୍ଣ୍ଣିତ ଅଛି କି, ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃଙ୍କ ଶରୀରରେ ହଜ୍‌ରତ୍ ଉମର୍ ର:ଅ ଦୁଇଟି କପଡ଼ା ଦେଖିଥିଲେ ଯାହା ଲାଲ୍ ରଙ୍ଗ ଓ ପାଉଁଶିଆ ରଙ୍ଗରେ ରଙ୍ଗିନ ହୋଇଥିଲା । ଯେବେ କି ସେ ଏହ୍‌ରାମ୍ ଅବସ୍ଥାରେ ଥିଲେ । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ କହିଲେ ହେ ତଲ୍‌ହା ! ଏହି ଦୁଇଟି ଯାକ କପଡ଼ା କାହିଁକି ରଙ୍ଗ କରାଯାଇଛି ? ସେ କହିଲେ ହେ ଅମୀରୁଲ୍ ମୁମେନିନ୍ ! ମୁଁ ତ ଏହାକୁ ମାଟିରେ ରଙ୍ଗ କରିଛି । ପୁଣି ଉମର୍ ର:ଅ କହିଲେ, ହେ ସାହାବାଙ୍କ ଗୋଷ୍ଠୀ ତୁମେମାନେ ଇମାମ୍ ତ ? ଲୋକମାନେ ତୁମମାନଙ୍କୁ ଅନୁକରଣ କରନ୍ତି କି, ଯଦି କୌଣସି ମୂର୍ଖ ବ୍ୟକ୍ତି ତୁମ ଶରୀର ଉପରେ ଏପରି ଦୁଇଟି କପଡ଼ା ଦେଖିବ ଅର୍ଥାତ ରଙ୍ଗୀନ କପଡ଼ା ତେବେ ସେ ଏହା କହିବ ଯେ, ତଲ୍‌ହା ତ ରଙ୍ଗୀନ ବସ୍ତ୍ର ପିନ୍ଧନ୍ତି । ଯେବେ କି ସେ ଏହ୍‌ରାମ୍ ଅବସ୍ଥାରେ ଅଛନ୍ତି ପୁନଶ୍ଚ କହିଲେ ଏହ୍‌ରାମ୍‌ରେ ଥିବା ବ୍ୟକ୍ତି ପାଇଁ ସର୍ବକୃଷ୍ଟ ପୋଷାକ ହେଉଛି ଧବଳ ବର୍ଣ୍ଣର ବସ୍ତ୍ର ତେଣୁ ଲୋକମାନଙ୍କ ମନରେ ଶଙ୍କା ସୃଷ୍ଟି କରାଅନାହିଁ ।

ହଜ୍‌ରତ୍ ହସନ୍ ର:ଅଙ୍କ ବର୍ଣ୍ଣନା ରହିଛି ଯେ, ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର:ଅ ନିଜର ଗୋଟିଏ ଜମି ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନଙ୍କୁ ସାତ ଲକ୍ଷ ଦିରହମ୍‌ରେ ବିକିଲେ ହଜ୍‌ରତ୍ ଉସ୍‌ମାନ ଏହି ଅର୍ଥରାଶି ତାଙ୍କୁ ପ୍ରଦାନ କରିଦେଲେ । ଯେତେବେଳେ ହଜ୍‌ରତ୍ ତଲ୍‌ହା ର:ଅ ଏହି ଅର୍ଥରାଶିକୁ ନିଜ ଘରକୁ ନେଇ ଆସିଲେ ସେତେବେଳେ ସେ କହିଲେ ଯେ, ଯଦି କୌଣସି ବ୍ୟକ୍ତି ପାଖରେ ରାତିସାରା ଏହି ପରି ଅର୍ଥ ପଡ଼ିରହେ, ତେବେ କଣ ଜଣା ଅଛି ଯେ, ଏହି ବ୍ୟକ୍ତି ସମ୍ବନ୍ଧରେ ରାତିରେ ଅଲ୍ଲାଃ ତାଲା କିଛି ଆଦେଶ ଅବତୀର୍ଣ୍ଣ କରିଦେବେ । ଜୀବନ ଓ ମୃତ୍ୟୁର କିଛି ଭରଷା ନାହିଁ । ଅତଏବ ହଜ୍‌ରତ୍ ତଲ୍‌ହା ର:ଅ ସେ ରାତି ଏମିତି ଅତିବାହିତ କଲେ ଯେ ତାଙ୍କର ସନ୍ଦେଶବାହକ ଉକ୍ତ ରାଶିକୁ ନେଇ କି, ଅଭାବି ଲୋକମାନଙ୍କୁ ଦାନ କରିଦେଲେ । ତାହା ସବୁ ଧରି ମଦିନାର ଗଳିରେ ଘୁରିବୁଲି ଲୋକମାନଙ୍କୁ ଦାନ କରିଥିଲେ ଏପରି କି ଯେତେବେଳେ ସକାଳ ହେଲା ସେ ସେତେବେଳକୁ ତାଙ୍କ ନିକଟରେ ଉକ୍ତରାଶିର ଗୋଟିଏ ଦିରହମ୍ ମଧ୍ୟ ବଚିଂନଥିଲା ।

*(ତବକାତୁଲ୍ କୁବ୍‌ରା........ ଖଣ୍ଡ-୩, ପୃ-୧୬୪, ୧୬୫......... ବେରୁତ ୧୯୯୦)*

ଇବ୍‌ନେ ଜରିର୍ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ତଲ୍‌ହା ଯେତେବେଳେ ହଜ୍‌ରତ୍ ଉସ୍‌ମାନଙ୍କ ସହ ମିଳିଲେ, ସେତେବେଳେ ସେ ମସ୍‌ଜିଦ୍‌ରୁ ବାହାରୁଥିଲେ । ହଜ୍‌ରତ୍ ତଲ୍‌ହା ର:ଅ କହିଲେ ଯେ ଆପଣଙ୍କର ପଚାଶ ହଜାର ଦିରହମ୍ ମୋ ନିକଟରେ ଥିଲା । ତାକୁ ମୁଁ ହାସଲ କରିନେଇଛି ଆପଣ ତାହାକୁ ଆଦାୟ କରିନିଅନ୍ତୁ । କୌଣସି ବ୍ୟକ୍ତିକୁ ମୋ ପାଖକୁ ଆପଣ ପଠାନ୍ତୁ ମୁଁ ତାହା ତାକୁ ପ୍ରଦାନ କରିଦେବି । ଅର୍ଥାତ କୌଣସି ସମୟରେ ନେଇପାରନ୍ତି ବର୍ତ୍ତମାନ ତାହାର ଯୋଗାଡ଼ ହୋଇଯାଇଛି । ଏବେ ତାହା ଆଦାୟ କରିନିଅନ୍ତୁ ଏଥିରେ ହଜ୍‌ରତ୍ ଉସ୍‌ମାନ ତାଙ୍କୁ କହିଲେ ଯେ, ଆପଣଙ୍କ ନମ୍ରତା କାରଣରୁ ତାହା ଆମେ ଆପଣଙ୍କୁ ଭେଟ ସ୍ୱରୂପ ପ୍ରଦାନ କରିଦେଇଛୁ । ହଜ୍‌ରତ୍ ତଲ୍‌ହା ର:ଅଙ୍କର ସାହାଦତ୍ ଜମଲ୍ ଯୁଦ୍ଧରେ ହୋଇଥିଲା ।

*(ଅଲ୍ ବିଦାୟିୟା......... ଲେ ଇବ୍‌ନେ ଅମିର୍ ଖଣ୍ଡ-୪, ଭାଗ-୭, ପୃ-୨୦୮, ୩୫ ହିଜ୍‌ରୀ......... ବେରୁତ ୨୦୦୧)*

ହଜ୍‌ରତ୍ ତଲ୍‌ହା ର:ଅ ଯମଲ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । କୈସ୍ ବିନ୍ ଅବୁ ହାଜିମ୍ ବର୍ଣ୍ଣନା କରନ୍ତି ଯେ, ମର୍‌ୱାନ୍ ବିନ୍ ହକମ୍ ଯମଲ୍ ଯୁଦ୍ଧ ଦିନ ହଜ୍‌ରତ୍ ତଲ୍‌ହା ର:ଅଙ୍କ ଆଣ୍ଠୁ ଉପରକୁ ତୀର ମାରିଲା ଏହା ଦ୍ୱାରା ତାଙ୍କ ଶିରରୁ ରକ୍ତସ୍ରାବ ହୋଇଥିଲା । ଯେତେବେଳେ ସେ ହାତରେ ତାହାକୁ ଧରୁ ଥିଲେ ସେତେବେଳେ ରକ୍ତ ସ୍ରାବ ଅଟକି ଯାଉଥିଲା ଏବଂ ଯେତେବେଳେ କ୍ଷତସ୍ଥାନରୁ ହାତ ଉଠାଇ ନେଉଥିଲେ ସେତେବେଳେ ପୁନଶ୍ଚ ରକ୍ତସ୍ରାବ ଆରମ୍ଭ ହୋଇଯାଉଥିଲା । ହଜ୍‌ରତ୍ ତଲ୍‌ହା ର:ଅ କହିଲେ ଅଲ୍ଲାଃ ତାଲାଙ୍କ ରାଣ ଖାଇ କହୁଛି ଯେ, ବର୍ତମାନ ସୁଧା ଶତୃମାନଙ୍କର ତୀର ଆମମାନଙ୍କ ନିକଟକୁ ଆସିନାହିଁ ପୁନଶ୍ଚ କହିଲେ ଯେ, କ୍ଷତକୁ ଛାଡ଼ି ଦିଅ କାରଣ ଏହି ତୀରଟି ଅଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରେରିତ ।

ହଜ୍‌ରତ୍ ତଲ୍‌ହା ର:ଅ ଯମଲ୍ ଯୁଦ୍ଧ ଦିନ ଦଶ ହିଜ୍‌ରୀରେ ବୀରଗତି ପ୍ରାପ୍ତ କରିଥିଲେ । ସାହାଦତ୍ ସମୟରେ ତାଙ୍କୁ ୬୪ ବର୍ଷ ହୋଇଥିଲା ।

ଅନେକ ବର୍ଣ୍ଣନା ଅନୁଯାୟୀ ସେ ୬୨ ବର୍ଷ ବୟସରେ ଶହୀଦ ହୋଇଥିଲେ । ସଇଦ୍ ବିନ୍ ମସ୍‌ଅବ୍‌ଙ୍କଠାରୁ ବର୍ଣ୍ଣନା ରହିଛି ଯେ, ଜଣେ ବ୍ୟକ୍ତି ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ରତ୍ ତଲ୍‌ହା ର:ଅ ଓ ହଜ୍‌ରତ୍ ଜୁବୈର ର:ଅଙ୍କର ମନ୍ଦ ଆଲୋଚନା ବର୍ଣ୍ଣନା କରୁଥିଲେ । ହଜ୍‌ରତ୍ ସାଆଦ୍ ବିନ୍ ମାଲିକ ବିନ୍ ଅବି ୱକାସ୍ ତାଙ୍କୁ ମନା କଲେ, ଅର୍ଥାତ ଏପରି କରିବାକୁ ବାରଣ କଲେ ଏବଂ କହିଲେ ଯେ, ମୋର ଭାଇମାନଙ୍କୁ ଭଲମନ୍ଦ କୁହନାହିଁ । ସେ ଏପରି କଥାକୁ ସ୍ୱୀକାର କଲେ ନାହିଁ ମାନିଲେ ନାହିଁ । ହଜ୍‌ରତ୍ ସାଆଦ୍ ଉଠିଲେ ଏବଂ ଦୁଇ ରେକାତ୍ ନମାଜ ପାଠ କଲେ । ତାହା ପରେ ପ୍ରାର୍ଥନା କଲେ ଯେ, ହେ ଅଲ୍ଲାଃ ! ଯଦି ଏହି କଥା ଯାହାକୁ ସେ କହୁଅଛି ତୋର ଅସନ୍ତୋଷର କାରଣ ଥିବ । ତେବେ ଆଙ୍କ ଉପରେ ମୋର ଆଖି ସାମ୍‌ନାରେ କୌଣସି ଶାସ୍ତି ଅବତୀର୍ଣ୍ଣ କର ଏବଂ ସେ ଲୋକମାନଙ୍କ ପାଇଁ ଶିକ୍ଷା ହାସଲ କରିବାର କାରଣ ସାବ୍ୟସ୍ତ ହେଉ । ଅତଃ ସେ ବ୍ୟକ୍ତି ଜଣକ ବାହାରିଲା ଓ ସେ ଏପରି ଏକ ଓଟ ସହିତ ସମ୍ମୁଖୀନ ହେଲା ଯେ କି ଲୋକମାନଙ୍କୁ ଚିରି ଆସୁଥିଲା । ସେହି ଓଟଟି ଏହି ବ୍ୟକ୍ତିକୁ ଗୋଟିଏ ପଥୁରିଆ ପଡ଼ିଆକୁ ଧରିନେଲା ଏବଂ ଏହି ବ୍ୟକ୍ତିକୁ ନିଜର ଛାତି ଓ ଭୂମି ମଝିରେ ରଖିଲା ଏବଂ ତାହାକୁ ଚାପି ମାରିଦେଲା । ବର୍ଣ୍ଣନାକାରୀ କୁହନ୍ତି ଯେ, ମୁଁ ଦେଖିଲି ଯେ, ଲୋକମାନେ ହଜ୍‌ରତ୍ ସାଆଦ୍‌ଙ୍କ ପଛରେ ଏ କଥା କହି କହି ଯାଉଥିଲେ କି ହେ ଅବୁ ଇସ୍‌ହାକ୍ ଆପଣଙ୍କୁ ମୁବାରକ୍ ହେଉ ଆପଣଙ୍କର ପ୍ରାର୍ଥନା ପୂରଣ ହୋଇଯାଇଛି, ଅର୍ଥାତ ସ୍ୱୀକାର ହୋଇଛି ।

*(ଉସୁଦଲ୍ ଗାବାଃ....... ଖଣ୍ଡ-୩, ପୃ-୮୮......... ବେରୁତ)*

ହଜ୍‌ରତ୍ ଅଲୀ ବିନ୍ ଜୈଦ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି କି ଜଣେ ବ୍ୟକ୍ତି ହଜ୍‌ରତ୍ ତଲ୍‌ହା ର:ଅଙ୍କୁ ସ୍ୱପ୍ନରେ ଦେଖିଲେ

ସେ କହୁଥିଲେ କି, ମୋର କବର ଅନ୍ୟ ଯାଗାକୁ ସ୍ଥାନାନ୍ତରିତ କରିଦିଅ । ମତେ ଏଠାରେ ଜଳ ଅତ୍ୟନ୍ତ କଷ୍ଟ ଦେଉଅଛି ଏପରି ସେ ତାଙ୍କୁ ତିନିଥର ସ୍ୱପ୍ନାଇଲେ ସୁତରାଂ ସେ ହଜ୍‌ରତ୍ ଅବାସ୍ ର:ଅଙ୍କ ନିକଟକୁ ଆସିଲେ ଓ ସ୍ୱପ୍ନ ବିଷୟରେ ଚର୍ଚ୍ଚା କଲେ । ଲୋକେ ଯାଇ ଦେଖିବାରୁ ଜାଣିବାକୁ ପାଇଲେ ଯେ ବାସ୍ତବରେ ତାଙ୍କ ଶରୀରର ଯେଉଁ ଅଂଶ ଭୁମି ସହିତ ସଲଗ୍ନ ଥିଲା ତାହା ସବୁଜ ବର୍ଣ୍ଣ ପାଲଟି ଯାଇଛି । ଅତଏବ ସେମାନେ ତାଙ୍କ ମରଶରୀରକୁ ସେଠାରୁ ଉଠାଇ ଆଣି ଅନ୍ୟ ସ୍ଥାନରେ କବର ଦେଲେ । ବର୍ଣ୍ଣନାକାରୀ କୁହନ୍ତି ବର୍ତମାନ ସୁଦ୍ଧା ମୁଁ ସେହି କାଫୁର୍‌କୁ ଅବଲୋକନ କରୁଅଛି ଯାହା ତାଙ୍କ ଦୁଇ ଚକ୍ଷୁରେ ଲାଗି ରହିଥିଲା । ତାହା ତିଳେ ମାତ୍ର ବେରଙ୍ଗ ବା ମଳିନ ପଡ଼ିନଥିଲା କେବଳ ତାଙ୍କ ଚୁଟିରେ କିଛି ଫରକ ଆସିଯାଇଥିଲା ଅର୍ଥାତ ରଙ୍ଗରେ କିଛି ଫରକ ଆସିଯାଇଥିଲା ଏବଂ ସେ ନିଜ ସ୍ଥାନରୁ ହଟି ଯାଇଥିଲେ । ଲୋକେ ହଜ୍‌ରତ୍ ଅବୁବୁକର ର:ଅଙ୍କ ଗୋଟିଏ ଘର ଦଶ ହଜାର ଦିର୍‌ହମ୍‌ରେ କିଣି ସେଠାରେ ହଜ୍‌ରତ୍ ଅବୁ ତଲ୍‌ହାଙ୍କୁ ପୂର୍ନବାର କବର ଦେଇଥିଲେ ।

*(ଉସୁଦଲ୍ ଗାବାଃ...... ଖଣ୍ଡ-୩, ପୃ-୮୮......... ବେରୁତ)*

ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର:ଅଙ୍କୁ ଇରାକ୍‌ର ଭୁମିରେ ଚାରିପାଂଚ ଲକ୍ଷ ଦିନାର୍ ଅର୍ଥ ବିଶିଷ୍ଟ ସଶ୍ୟ ଉତ୍ପନ ହେଉଥିଲା ଏବଂ ସାରା ଅଂଚଳରୁ ପ୍ରାୟ ଦଶ ହଜାର ଦିନାର୍ ବିଶିଷ୍ଟ ଅର୍ଥର ସଶ୍ୟ ଉତ୍ପନ ହେଉଥିଲା । ବନୁ ତୈମ ର ଏପରି କୌଣସି ବ୍ୟକ୍ତି ଦରିଦ୍ର ନଥିଲା ଯାହାକୁ ହଜ୍‌ରତ୍ ତଲ୍‌ହା ର:ଅ ସାହାଯ୍ୟ କରିନଥିଲେ । ଓ ବିଧବାମାନଙ୍କର ପୂର୍ନବିବାହ କରିନଥିଲେ । ସେମାନଙ୍କ ଅଭାବି ବ୍ୟକ୍ତିମାନଙ୍କ ଅଭାବ ଦୂର କରିନଥିବେ ଏବଂ ତାଙ୍କର ଋଣ ନେଇ ଥିବା ବ୍ୟକ୍ତିର ଋଣ ପରିଶୋଧ ନ କରିଥିବେ । ସେହିପରି ପ୍ରତ୍ୟେକ ବର୍ଷ ଯେତେବେଳେ ହଜ୍‌ରତ୍ ତଲ୍‌ହା ର:ଅଙ୍କୁ ସଶ୍ୟ ଆମଦାନୀ ହେଉଥିଲା ସେତେବେଳେ ହଜ୍‌ରତ୍ ଆଇସା ର:ଅଙ୍କୁ ଦଶ ହଜାର ଦିର୍‌ହାମ୍ ପ୍ରେରଣ କରୁଥିଲେ ।

*(ତବକାତୁଲ୍ କୁବ୍‌ରା........ ଖଣ୍ଡ-୩, ପୃ-୧୬୬......... ବେରୁତ ୧୯୯୦)*

ହଜ୍‌ରତ୍ ମାଓ୍ୱିୟା ମୁସା ବିନ୍ ତଲ୍‌ହାଙ୍କୁ ପଚାରିଲେ ଯେ, ଅବୁ ମୁହମ୍ମଦ ଅର୍ଥାତ ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ କେତେ ଅର୍ଥ ଛାଡ଼ି ଯାଇଛନ୍ତି ସେ ଉତର ଦେଲେ ୨୨ ଲକ୍ଷ ଦିର୍‌ହମ୍ ଏବଂ ଦୁଇଲକ୍ଷ ଦିନାର୍ ତାଙ୍କର ସାହାଦତ୍ ଯମଲ୍ ଯୁଦ୍ଧରେ ହୋଇଥିଲା ।

ତାଙ୍କର ବିସ୍ତୃତ ବିବରଣୀ ଆସନ୍ତା ଖୁତ୍‌ବାରେ ଇନ୍‌ଶଅଲ୍ଲାଃ ବର୍ଣ୍ଣନା କରିବି । କାରଣ ସେଥି ସମ୍ବନ୍ଧରେ ଅନେକ ପ୍ରଶ୍ନ ଉଠୁଅଛି ଯାହାକି ବିସ୍ତାର ରୂପେ ବର୍ଣ୍ଣନା କରିବାର ଆବଶ୍ୟକତା ଲୋଡୁଅଛି ।

ଏବେ ମୁଁ ଗତ ଖୁତ୍‌ବାରେ ଯେପରି ଚର୍ଚ୍ଚା କରିଥିଲି ଯେ, ଆଜି କାଲି କରୋନା ନାମକ ଏକ ଭୁତାଣୁ ସଙ୍କ୍ରମିତ ହୋଇ ଚାଲିଛି । ଏଥିପ୍ରତି ସଚେତନ ହେବା ତଥା ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ତଥା ମସ୍‌ଜିଦ୍ ଆସିଲେ ମଧ୍ୟ ସତର୍କତା ଅବଲମ୍ବ କରିବା ଉଚିତ । ଜ୍ୱର୍ ଓ ଶରୀର ପିଡ଼ା ହେଉଥିଲେ ଏପରି ସ୍ଥାନକୁ ଯାଆନ୍ତୁ ନାହିଁ ଯେଉଁ ସ୍ଥଳେ ଜନସମାଗମ ହେଉଥିବ ସେଠାରୁ ନିଜେ ବର୍ତିବା ସହିତ ଅନ୍ୟକୁ ମଧ୍ୟ ନିବୃତ ରହିବାପାଇଁ ବାରଣ କରିବା ଉଚିତ । ତଥା ଦୁଆ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ ଅଲ୍ଲାଃ ତାଲା ବିଶ୍ୱବାସୀଙ୍କୁ ଏହି ବିପତିରୁ ରକ୍ଷା କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୨ ର ଅବଶିଷ୍ଟାଂଶ ......*

ମାଲିକ୍ ଏହାର ବିପରୀତାର୍ଥ ମତ ପ୍ରକାଶ କରିଛନ୍ତି । ଓ୍ୱଲ୍ଲାଃହୁ ଆଲମ୍ ବିସ୍ ସଓ୍ୱାବ୍ ଅର୍ଥାତ ଅଲ୍ଲାଃ ତାଲା ହିଁ ପୂଣ୍ୟ ସଂପର୍କରେ ସର୍ବାପେକ୍ଷା ଅଧିକ ବିଜ୍ଞ । ସୁତରାଂ ଏହିପରି ଭାବେ ଜୁମା ନମାଜ ଓ ଅନ୍ୟ ବାଜମାଅତ୍ ନମାଜ ଛାଡ଼ିବା ପଛରେ ଏଭଳି ରୋଗ ରହିଛି ଯେ, ଯେଉଁ ରୋଗରେ ପିଡ଼ୀତ ହୋଇ ମସଜିଦରେ ଉପସ୍ଥିତ ହେବା କଷ୍ଟସାଧ, ଏହି ପରିପ୍ରେକ୍ଷୀରେ ମସଜିଦରେ ନମାଜ ହୋଇପାରିବ ନାହିଁ ଏବଂ ଏହାର ପ୍ରମାଣ ଅଲ୍ଲାଃ ତାଲାଙ୍କ ଏହି ଆଦେଶରୁ ଅନୁମତି ହୁଏ ଯେ, ଅଲ୍ଲାଃ ତାଲା ତୁମମାନଙ୍କ ପାଇଁ ଧର୍ମରେ କୌଣସି ଅଭାବ ଓ ଅସୁବିଧାକୁ ଉଚିତ ବୋଲି ମଣି ନାହାନ୍ତି । ଏହି କାରଣରୁ ହଜୁର ସ:ଆ:ସ ଯେତେବେଳେ ରୋଗାଗ୍ରସ୍ତ ହେଲେ ସେତେବେଳେ ହଜୁର ସ:ଆ:ସ ମସଜିଦ ଆସିବାକୁ ସ୍ଥଗିତ କରିଦେଉଥିଲେ ଏବଂ ହଜ୍‌ରତ୍ ଅବୁ ବକର ର:ଅଙ୍କୁ କହିଲେ କି ସେ ଇମାମତ୍ କରନ୍ତୁ । ତେଣୁ ଉକ୍ତ ବର୍ଣ୍ଣନାଟି ସହି ବୁଖାରୀ ଓ ମୁସ୍‌ଲିମ୍‌ରେ ମଧ୍ୟ ବର୍ଣ୍ଣିତ ରହିଛି । ସେହିପରି କୌଣସି ରୋଗର ପ୍ରାଦୁର୍ଭାବ ହେବା ଫଳରେ ଆତଙ୍କିତ ବ୍ୟକ୍ତି ମଧ୍ୟ କ୍ଷମାଯୋଗ୍ୟ ବୋଲି ବିବେଚିତ ହେବ ଏବଂ ଏହାର ପ୍ରମାଣ ହଜ୍‌ରତ୍ ଇବ୍‌ନେ ଅବ୍‌ବାସଙ୍କ ସେହି ବର୍ଣ୍ଣନାରେ ଦେଖିବାକୁ ମିଳେ, ଯହିଁରେ ହଜୁର ସ:ଆ:ସ କ୍ଷମାଯୋଗ୍ୟର ବ୍ୟାଖ୍ୟା ଆତଙ୍କ ବା ଭୟ ଏବଂ ରୋଗ କାରଣରୁ ବର୍ଣ୍ଣିତ କରିଛନ୍ତି । ତାହା ସୁନନେ ଅବି ଦାଉଦ୍‌ରେ ଉଲ୍ଲିଖିତ ଅଛି ।

ସେ ଯାହାହେଉ ନା କାହିଁକି ଏହି ରୋଗ ଏକ ସଂକ୍ରାମକ ଜନିତ ରୋଗ ଏବଂ ଏହା ସଂକ୍ରମଣ ଯୋଗୁଁ ବ୍ୟାପିବାର ଆଶଙ୍କା ଥାଏ ଏବଂ ଯେଉଁଥିପାଇଁ ସରକାର ମଧ୍ୟ କେତେକ ନିୟମ ଏବଂ ଆଇନ୍ ପ୍ରଣୟନ କରିଛନ୍ତି ଏବ ଦେଶୀୟ ଆଇନ ବ୍ୟବସ୍ଥାନୁଯାୟୀ ଏହାକୁ ପାଳନ କରିବା ଉଚିତ । ଏହିଭଳି ପରିସ୍ଥିତିରେ ଏକତ୍ରିତ ହେବା, କିମ୍ବା ଗୋଟିଏ ସ୍ଥାନରେ ଅଧିକ ଲୋକଙ୍କର ଭିଡ଼ ଜମିବା ବା ସମାଗମ ହେବା ଏବଂ ବାଜମାଅତ୍ ନମାଜ୍ ପଢ଼ିବା କିମ୍ବା ଜୁମା ନମାଜ ପଢ଼ିବା ଅତ୍ୟନ୍ତ କଷ୍ଟଦାୟକ ଅଟେ । କିନ୍ତୁ ମୁଁ ଯେପରି କହିଛି ଯେ, ଆପଣମାନେ ନିଜ ଘରେ ରହି ନାମଜ ବାଜମାଅତ୍ ପଢ଼ିବାର ଅଭ୍ୟାସ କରନ୍ତୁ । ଏହାଦ୍ୱାରା କ'ଣ ହେବ ନା ପିଲାମାନଙ୍କୁ ଏହା ହୃଦୟଙ୍ଗମ ହେବ ଯେ, ନମାଜ ପଢ଼ିବା କେତେ ଜରୁରୀ ଅଟେ ଏବ ବାଜମାଅତ୍ ନମାଜ ପଢ଼ିବା ଆହୁରି ଜରୁରୀ ଅଟେ । କାରଣ ଆଜିକାଲିର ପରିସ୍ଥିତି ଯୋଗୁଁ ଆମେମାନେ ମସଜିଦକୁ ଯାଇପାରିବୁ ନାହିଁ । କିନ୍ତୁ ଉକ୍ତ ଦାୟିତ୍ୱକୁ ନିଜ ଘରେ ରହି ସମ୍ପନ୍ନ କରିବା ନିତ୍ୟାନ୍ତ ଆବଶ୍ୟକ ଏବଂ ଏଥିପୟତି ବିଶେଷ ଧ୍ୟାନ ଦେବାର ମଧ୍ୟ ଆବଶ୍ୟକତା ରହିଛି । ବେଳେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ ଏହିଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ଏବଂ ହଜୁର ଆ:ସ ଜୁମା ନମାଜ ପଢ଼ିପାରି ନଥିଲେ । ସେ ଯାହାହେଉ ନା କାହିଁକି ଏହିପରି ଅନେକ ବର୍ଣ୍ଣନା ରହିଛି ଯହିଁରେ ତତ୍ ସଂକ୍ରାନ୍ତରେ ସ୍ୱଷ୍ଟ ସୂଚନା ମିଳେ ଯେ, ସଂକ୍ରାମକ ରୋଗର ପ୍ରାଦୁର୍ଭାବ ସମୟରେ ଏକତ୍ରିତ ହେବା ଏବଂ ରୁଗ୍‌ଣ ଅବସ୍ଥାରେ ପରସ୍ପର ସହିତ ମିଳାମିଶା ଅନୁଚିତ ଅଟେ । ଏଥି ନିମିତ ଏକାକୀତ୍ୱ ହୋଇ ରହିବା ଓ ରୋଗୀକୁ ରଖିବା ଉଚିତ । ସେ ଯାହା ହେଉ ନା କାହିଁକି ଯେପରି ମୁଁ ପୂର୍ବେ ମଧ୍ୟ କହିଛି ଯେ, ଆମେମାନେ ସାର୍ବକାଳିନ ନମାଜ ଓ ଜୁମା ନମାଜ ଛାଡୁ ନାହୁଁ ଏବଂ ଏଥି ପାଇଁ ପ୍ରତିବଦଳ ବ୍ୟବସ୍ଥା ମଧ୍ୟ କରୁଅଛୁ ଯେ, ଘରଗୁଡ଼ିକରେ ଜୁମା ନମାଜର ବ୍ୟବସ୍ଥା ହେଉ, ମୁଁ ମଧ୍ୟ କୌଣସି ବ୍ୟବସ୍ଥା କରିବା ପାଇଁ ଚେଷ୍ଟା କରିବି । ଇନ୍‌ଶାଅଲ୍ଲାଃ

ବର୍ତମାନ ଏହା ମଧ୍ୟ ଆବଶ୍ୟକ ହୋଇପଡ଼ିଛି ଯେ, ଏହି ଦୁଆ କରନ୍ତୁ ଯେ, ଅଲ୍ଲାଃ ତାଲା ନିଜର କୃପା ଅବତୀର୍ଣ୍ଣ କରନ୍ତୁ । ଯେପରିକି ମୁଁ ପୂର୍ବେ ମଧ୍ୟ କହିଛି କି ଅଲ୍ଲାଃ ତାଲା ଉକ୍ତ ସଂକ୍ରାମକ ଭୁତାଣୁ ରୋଗରୁ ପୃଥିବୀବାସୀଙ୍କୁ ଯଥାଶିଘ୍ର ପବିତ୍ର କରନ୍ତୁ ଓ ସମସ୍ତ ସଂସାରକୁ ମାନବତାର ଆବଶ୍ୟକତାକୁ କୃତାର୍ଥ ଓ ପରିପୂରଣ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ପୃଥିବୀବାସୀ ଅଲ୍ଲାଃ ତାଲାଙ୍କୁ ଚିହ୍ନନ୍ତୁ । ଏଥି ନିମନ୍ତେ ଅଲ୍ଲାଃ ତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ଅସ୍ ସଲାମୁ ଅଲୈକୁମ୍ ଓ୍ୱ ରହମତୁଲ୍ଲାଃ ହି ଓ୍ୱ ବରକାତୁହୁ ।

⌘⌘⌘⌘⌘⌘⌘⌘⌘⌘

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....

ମରହୁମା ସାଦିୟା ଫାଖ୍ରାଃ (ପାକିସ୍ତାନ)
MA in Mass Communication,
(ମରହୁମାଙ୍କ ଆୱାର୍ଡ଼ ତାଙ୍କ ବାପା ପୁରୁଷ ଜଲ୍‌ସାଗାଃଠାରେ ଗ୍ରହଣ କଲେ)

ପୁରସ୍କାର ବିତରଣୀ ଉତ୍ସବପରେ ଠିକ୍ ୧୨:୩୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଅଭିଭାଷଣ ପ୍ରଦାନ କଲେ ।

## ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ

ତଶ୍‌ହୁଦ୍, ତଉଜ୍ ଏବଂ ସୁରାଃ ଫାତିହା ଆବୃତି କରିବାପରେ ହଜୁର ଅନଓ୍ୱର ଅ:ବ:ଅ ସୁରାଃ ନହଲ୍‌ର ଆୟତ ନଂ ୯୮ ଏବଂ ସୁରାଃ ତୌବାଃର ଆୟତ ନଂ ୧୧୨ ପାଠ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ:

ଯେଉଁ ଆୟତଗୁଡ଼ିକ ମୁଁ ତିଲାବତ୍ କଲି, ପ୍ରଥମ ଆୟତରେ ଅଲ୍ଲାଃ ତାଲା କହୁଛନ୍ତି ଯେ, ଯେକୌଣସି ବ୍ୟକ୍ତି ମୋମିନ୍ ହେବା ଅବସ୍ଥାରେ ପୂଣ୍ୟ ଓ ଉଚିତ କର୍ମ କରିବ, ସେ ପୁରୁଷ ହେଉ ବା ମହିଳା, ଆମେ ତାକୁ ନିଶ୍ଚିତରୂପେ ଏକ ପବିତ୍ର ଜୀବନ ପ୍ରଦାନ କରିବୁ ଏବଂ ଆମେ ସେହି ସମସ୍ତ ଲୋକଙ୍କୁ ସେମାନଙ୍କର ଉତମ କର୍ମ ମୁତାବକ ସେମାନଙ୍କ ସମସ୍ତ ପୁଣ୍ୟ କର୍ମର ପ୍ରତିବଦଳ ଦେବୁ ।

ସୁତରାଂ ଏହା ହେଉଛି ଖୁଦାତାଲାଙ୍କ ର ନ୍ୟାୟ ଯେ, ସେ ପୁରୁଷ ଏବଂ ମହିଳା ଦୁଇଜଣଙ୍କୁ ସମାନ କର୍ମ ପାଇଁ ସମାନ ପୁରସ୍କାର ଦେଇଥାଏ । କିଛି କାର୍ଯ୍ୟ ପୁରୁଷମାନଙ୍କ ପାଇଁ ଧାର୍ଯ୍ୟ ରହିଛି ବା ସେମାନଙ୍କର ଅବସ୍ଥା ମୁତାବକ ତାହା ଜରୁରୀ ଅଟେ ଯେବେ କି, ତାହା ମହିଳାମାନଙ୍କ ପାଇଁ ସେହିପରି ଧାର୍ଯ୍ୟ ଜରୁରୀ ନୁହେଁ । ଅଲ୍ଲାଃ ତାଲା ଆମକୁ ଆମ କର୍ତବ୍ୟ ଏବଂ ଡ୍ୟୁଟି ଗୁଡ଼ିକର ସୂଚିପତ୍ର ମଧ୍ୟ ବତାଇ ଦେଇଛନ୍ତି ଯେ, ଇସ୍‌ଲାମି ସମାଜରେ ମହିଳାମାନଙ୍କର କ'ଣ ସବୁ କର୍ତବ୍ୟ ରହିଛି ଓ ପୁରୁଷମାନଙ୍କ ପାଇଁ କ'ଣ କ'ଣ କର୍ତବ୍ୟ ରହିଛି । ଏହାର ଏକ ଲମ୍ବା ବିବରଣୀ ଅଛି ତାହା ଏବେ ମୁଁ ବର୍ତମାନ ବର୍ଣ୍ଣନା କରିପାରିବି ନାହିଁ, କିଛି ଉଦାହରଣ ଦେଉଛି ନମାଜକୁ ହିଁ ନେଇନିଅନ୍ତୁ ଏହା ପୁରୁଷମାନଙ୍କ ନିମନ୍ତେ ଧାର୍ଯ୍ୟ କରାଯାଇଅଛି ଯେ, ସେମାନେ କୌଣସି ଭୀଷଣ ମଜବୁରୀ ନଥିଲେ । ସେମାନେ ମସ୍‌ଜିଦ୍‌ରେ ଯାଇ ବାଜମାତ୍ ପାଠ କରନ୍ତୁ । ଯେବେ କି ମହିଳାମାନଙ୍କ ପାଇଁ ଏହା ଜରୁରୀ ନୁହେଁ । ଏପରି କି, ଜୁମା ନମାଜ ମଧ୍ୟ ମହିଳାମାନଙ୍କ ପାଇଁ ସେଭଳି ଜରୁରୀ ନୁହେଁ ଯେଉଁଭଳି ପୁରୁଷମାନଙ୍କ ପାଇଁ ଜରୁରୀ ଅଟେ । ପୁରୁଷମାନଙ୍କୁ ଏହା କୁହାଯାଇଛି ଯେ, ଯଦି ତୁମେମାନେ ବାଜମାତ୍ ନମାଜ ପଢ଼ିବ ତେବେ ତୁମକୁ ଏହାର ୨୭ ଗୁଣା ଫଳ ମିଳିବ । ତେବେ କ'ଣ ମହିଳାମାନେ ବାଜମାତ୍ ନମାଜ ନ ପଢ଼ି ୨୭ ଗୁଣା ପୂଣ୍ୟ ପାଇବାରୁ ବଂଚିତ ହେବେ? ଅଥବା ସେମାନଙ୍କୁ ଏଥିପାଇଁ ବାଜମାତ ନମାଜ ପଢ଼ିବାକୁ ଧାର୍ଯ୍ୟ କରାଯାଇନାହିଁ ଯେ, କାଳେ ସେମାନଙ୍କୁ ୨୭ ଗୁଣା ପୂଣ୍ୟ ନ ମିଳିଯାଉ ଓ ସେଥିରୁ ସେମାନଙ୍କୁ ବଂଚିତ ରଖାଯାଉ । ନୁହେଁ ବରଂ ଅଲ୍ଲାଃ ତାଲା କହୁଛନ୍ତି ଯେ, ପ୍ରତ୍ୟେକଙ୍କର କାର୍ଯ୍ୟପନ୍ଥା ସ୍ୱତନ୍ତ୍ର ଯଦି ସେ ସେହି କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରୁଅଛି । ସେ ପୁରୁଷ ହୁଅନ୍ତୁ ବା ମହିଳା ତାଙ୍କୁ ତାହାର ପୂଣ୍ୟ ମିଳିବ । ମହିଳାମାନଙ୍କର ଘରେ ନମାଜ ପାଠ କରିବା ଓ ନିଜ ଘରର ଦାୟିତ୍ୱକୁ ନିର୍ବାହ କରିବା ତାକୁ ପୁରୁଷ ବରାବରର ପୂଣ୍ୟର ଅଧିକାରି କରାଇଦେବ । ସେଥିଯୋଗୁଁ ତ' ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ମୌକାରେ ଜଣେ ମହିଳାକୁ ଏକଥା କହିଥିଲେ ଯେ, ତୁମକୁ ନିଜ ଘର ସମ୍ଭାଳିବା ଏବଂ ତୁମ ପିଲାମାନଙ୍କର ତର୍‌ବିୟତ କରିବା ଏତେମାତ୍ରାରେ ପୂଣ୍ୟର ଅଧିକାରୀ କରିଦେବ ଯାହା ଜଣେ ପୁରୁଷକୁ ଇସ୍‌ଲାମ ମାର୍ଗରେ ଜୀବନ ଓ ଧନର ଜିହାଦ୍ କରିବାର ଅଧିକାରି ବନାଇଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ତେଣୁ ଯଦି ମହିଳାମାନେ ନିଜ ଦାୟିତ୍ୱରେ ଥିବା କାର୍ଯ୍ୟକୁ ସମ୍ପାଦନ କରୁଅଛନ୍ତି ଓ ପୁରୁଷମାନେ ନିଜ ନିଜର କର୍ତବ୍ୟ ଓ ଦାୟିତ୍ୱକୁ ସମ୍ପାଦନ କରୁଛନ୍ତି ଏବଂ ଦୁଇଜଣଯାକ ଅଲ୍ଲାଃ ତାଲାଙ୍କ ଭୟକୁ ମନ ଭିତରେ ରଖି ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ପାଇଁ କାର୍ଯ୍ୟ କରୁଅଛନ୍ତି ତେବେ ତାଙ୍କର ଏହି ସାଂସାରିକ ଜୀବନ ମଧ୍ୟ ପବିତ୍ରମୟ ହେବ ଓ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ଉପରେ ପରିଚାଳିତ ହୋଇ ତାହାଙ୍କ ସାନ୍ନିଧ୍ୟକୁ ପ୍ରାପ୍ତ କରିପାରିବେ ଓ ପରକାଳରେ ମଧ୍ୟ ସେମାନଙ୍କ କର୍ମ ଅନୁସାରେ ସେମାନଙ୍କୁ ଫଳ ଦିଆଯିବ । ସୁତରାଂ ଯେଉଁଠି ଏହି ଆୟତରେ ଇସ୍‌ଲାମ୍ ପୁରୁଷ ଓ ମହିଳା ଦୁଇଜଣଙ୍କର ଅଧିକାରକୁ ସ୍ୱୀକୃତି ଦେଇଛି ଏବଂ ମହିଳା ଓ ପୁରୁଷମାନଙ୍କୁ ଏହା କୁହାଯାଇଛି ଯେ, ତୁମକୁ ତୁମର କର୍ମ ମୁତାବକ ପ୍ରତିବଦଳ ଦିଆଯିବ ସେଠାରେ ଏଥିପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରାଯାଇଅଛି ଯେ, ନିଜର ପରିସ୍ଥିତି ଓ ନିଜର କର୍ମକୁ ଖୁଦାତାଲାଙ୍କ ଶିକ୍ଷା ମୁତାବକ ଢ଼ାଳି ନିଅ । ଅଲ୍ଲାଃ ତାଲାଙ୍କ ଭୟ, ତାହାଙ୍କ ପ୍ରସନ୍ନତା ଏବଂ ତାହାଙ୍କ ସାନ୍ନିଧ୍ୟ ହାସଲ କରିବାପାଇଁ ନିଜ କର୍ମ କର ନିଜର ଦାୟିତ୍ୱକୁ ବୁଝ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହି ଆୟତରେ ସେହି ଲୋକମାନଙ୍କର ଆପତି ଅଭିଯୋଗକୁ ମଧ୍ୟ ଖଣ୍ଡନ କରାଯାଇଛି, ଯେଉଁମାନେ ଏକଥା କହୁଛନ୍ତି ଯେ, ଇସ୍‌ଲାମ୍ ମହିଳାମାନଙ୍କ ଅଧିକାରକୁ ସୁରକ୍ଷା ଦେଇନାହିଁ ବୋଲି । ଇସ୍‌ଲାମ ନା କେବଳ ପୂଣ୍ୟକର୍ମ କରୁଥିବା ମହିଳାମାନଙ୍କୁ, ପ୍ରକାଶ୍ୟରେ ତାଙ୍କର କର୍ମ ପୁରୁଷମାନଙ୍କ ତୁଳନାରେ ବରଂ ପରିଶ୍ରମ ଦେଖାଯାଉଥିଲେ ମଧ୍ୟ ଏ ଦୁନିଆରେ ସେମାନଙ୍କୁ ଅଲ୍ଲାଃ ତାଲା ପ୍ରସନ୍ନତାର ସୁସମାଚାର ଦେଇ ନିଜ ପୁରସ୍କାରର ଘୋଷଣା କରିଛି ବରଂ ଏତିକି ନୁହେଁ ନିଜର ଦାୟିତ୍ୱକୁ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ପାଇଁ ନିର୍ବାହ କରିବାଯୋଗୁଁ ମୃତ୍ୟୁପରେ ମଧ୍ୟ ତା'ର ଉତମ ଫଳ ଦେବାପାଇଁ ଘୋଷଣା କରିଛି । ତେଣୁ ଏହା ସେହି ଲୋକମାନଙ୍କର ମୂର୍ଖତା ଯେଉଁମାନେ ଇସ୍‌ଲାମ ଉପରେ ଏପରି ଆପତି ଅଭିଯୋଗ କରୁଛନ୍ତି ଯେ, ପୁରୁଷ ମହିଳାମାନଙ୍କ ସମାନ ଅଧିକାର ନାହିଁ ଏବଂ ସେମାନଙ୍କର ଏହି ଅଣ ମୁସଲମାନମାନଙ୍କଠାରୁ ଅଧିକା ମୂର୍ଖତା ଯେଉଁମାନେ ଏହି ସାଂସାରିକ ରୂପେ ବିକାଶଶୀଳ ସମାଜର କଥାକଥିତ ସ୍ୱାଧୀନତାରୁ ପ୍ରଭାବିତ ହୋଇ ଇସ୍‌ଲାମ୍‌ର ସତ୍ୟତା ଏବଂ ଇସ୍‌ଲାମ୍‌ରେ ଦିଆଯାଇଥିବା ନିଜର ଅଧିକାର ବିଷୟରେ ଚିନ୍ତାରେ ପଡ଼ିଯାଉଛନ୍ତି । ଅବା ଏହା କହିବା ଉଚିତ ହେବ ଯେ, ମହିଳାମାନେ ଓ ଶିକ୍ଷିତ ଯୁବତୀ ଝିଅ ଓ ପୁଅମାନେ, ବିଶେଷ ରୂପେ ଏଠାରେ ମୁଁ ଝିଅପିଲାମାନଙ୍କ କଥା କହୁଅଛି ଯେ, ସେମାନେ ଏ ଚିନ୍ତାରେ ପଡ଼ିଯାଉଛନ୍ତି ଯେ, ଇସ୍‌ଲାମ ଆମକୁ ଆମର ଅଧିକାର ଦେଇଛି ବା ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ସୁତରାଂ ନିଜ ହେଉ ବା ପର ହେଉ ଯେଉଁମାନଙ୍କ ମୁଣ୍ଡରେ ଏପରି ପ୍ରଶ୍ନ ଉଠୁଛି ଯେ ଇସ୍‌ଲାମ୍‌ରେ ମହିଳାମାନଙ୍କୁ କୌଣସି ଅଧିକାର ଦିଆଯାଇନାହିଁ ତାଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ବିଷୟରେ କୌଣସି ପ୍ରକାରର ଜ୍ଞାନ ହିଁ ନାହିଁ । ଆଜି ପ୍ରତ୍ୟେକ ଅହେମଦୀର କାର୍ଯ୍ୟ ହେଉଛି ଏହା କି, ସେ ଦୁନିଆକୁ ବତାଉ ଯେ, ଦୀନ୍ ହେଉଛି କ'ଣ? ଆମର କ'ଣ ଅଧିକାର ରହିଛି ଓ ଆମର କ'ଣ ସବୁ ଦାୟିତ୍ୱ ରହିଛି? ଅମ୍ବିୟା (ଅବତାରମାନେ) ପୃଥିବୀରେ ଏଥିପାଇଁ ଆର୍ବିଭାବ ହୋଇଥାନ୍ତି ଯେ, ସେମାନେ ଲୋକମାନଙ୍କୁ ଈଶ୍ୱରଙ୍କ ନିକଟତର କରାଇବେ । ଧର୍ମ ଏହି ସାଂସାରିକ ଜୀବନ ଓ ମୃତ୍ୟୁପରେ ଜୀବନ ସମ୍ବନ୍ଧରେ ଚର୍ଚ୍ଚା କରିଥାଏ । ଜଣେ ସାଂସାରିକ ବ୍ୟକ୍ତି କେବଳ ଏହି ପ୍ରାର୍ଥିବ ଜୀବନକୁ ହିଁ ନିଜ ଜୀବନର ଉଦ୍ଦେଶ୍ୟ ବୋଲି ଭାବିନେଇଛି । ତେଣୁ ଏକଥା କୁ ପ୍ରତ୍ୟେକ ଅହେମଦୀ ପୁରୁଷ, ମହିଳା ଏବଂ ପୁଅଝିଅମାନଙ୍କୁ ନିଜ ସମ୍ମୁଖରେ ରଖିବା ଉଚିତ ଯେ, ଇସ୍‌ଲାମ୍ ଯାହା ହେଉଛି ପୂର୍ଣ୍ଣ ଓ ସ୍ୱୟଂ ସମ୍ପୂର୍ଣ୍ଣ ସରିୟତ, ଯେଉଁଥିରେ ପୁରୁଷ ମହିଳା ସମସ୍ତଙ୍କର ଅଧିକାର, କର୍ତବ୍ୟ ଏବଂ ଦାୟିତ୍ୱଗୁଡ଼ିକ ସମ୍ବନ୍ଧରେ ସ୍ପଷ୍ଟ କରିଦିଆଯାଇଅଛି ଏବଂ ତା ଉପରେ ପରିଚାଳିତ ହୋଇ ଆମକୁ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ହାସଲ କରିବାକୁ ହେବ ତାହାକୁ ଆମେ ଆମର ଜୀବନରେ ଲାଗୁକରିବାକୁ ହେବ । ବିଧର୍ମୀ ଲୋକମାନଙ୍କ ଦ୍ୱାରା ବା ସାଂସାରିକ ଲୋକମାନଙ୍କ ଦ୍ୱାରା ପ୍ରଭାବିତ ହେବା ନାହିଁ ଓ ନା କେବଳ ପ୍ରଭାବିତ ହେବାନାହିଁ ବରଂ ସେମାନଙ୍କୁ ଧର୍ମର ବାସ୍ତବିକତା ବତାଇବାକୁ ହେବ । ସେମାନଙ୍କୁ ଖୁଦାତାଲାଙ୍କ ନିକଟକୁ ଆଣିବାକୁ ହେବ । ସେମାନଙ୍କୁ ସେମାନଙ୍କର ମୂର୍ଖତା ପୂର୍ଣ୍ଣ ବିଚାରର ଚିହ୍ନିତ କରାଇ ବତାଇବାକୁ ହେବ ଯେ, ଆମେ ଅହେମଦୀ ମୁସଲମାନମାନେ ହିଁ ଠିକ୍ ମାର୍ଗରେ ପରିଚାଳିତ ଅର୍ଥାତ ଧର୍ମ ସମ୍ବନ୍ଧରେ ଯେଉଁ ଚିନ୍ତା ଧାରା ଅଛି ଓ ଖୁଦାତାଲାଙ୍କ ସମ୍ବନ୍ଧରେ ଯେଉଁ ଆମର ଦୃଷ୍ଟିକୋଣ ରହିଛି ତାହା ହେଉଛି ଠିକ୍ ଓ ତୁମେମାନେ ଭୁଲ୍ ରାସ୍ତାରେ ଅଛ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ ପ୍ରଦତ ୨୭ ଜାନୁୟାରୀ ୨୦୧୭)*

*ତାଲିବେ ଦୁଆ: Hawa Bibi & Family,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହଦାଦାର୍ ଯେକୌଣସି ସ୍ତରର ଓ୍ୱହଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

*ତାଲିବେ ଦୁଆ: Majlis Lajna Imaillah,*
*Jamat Ahmadiyya, Pankal (Odisha)*

ତେଣୁ ଏହି ପ୍ରକାର ଚିନ୍ତାଧାରା ରଖି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ନିଜର ଜୀବନକୁ ବିତାଇବାକୁ ହେବ ନିଜକୁ ଖୁଦାତାଲାଙ୍କ ନିର୍ଦ୍ଦେଶାବଳୀ ମୁତାବକ ପରିଚାଳିତ କରାଇବାକୁ ହେବ ଏବଂ ଏ ପୃଥିବୀବାସୀଙ୍କୁ ମଧ୍ୟ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ବିଷୟରେ ଅବଗତ କରାଇବାକୁ ପଡ଼ିବ। ଯେତେବେଳେ ଏହା ସବୁ ହେବ ସେତେବେଳେ ଆମେ ପ୍ରକୃତ ଅହେମଦୀ ବୋଲାଇବା, ସେତେବେଳେ ଆମର ଏହି ଜଲ୍‌ସା ଅନୁଷ୍ଠିତ କରାଇବାର ଲାଭ ହେବ। ପ୍ରତ୍ୟେକ ବର୍ଷ ଆପଣମାନେ ଇଜ୍‌ତିମା କରନ୍ତୁ, ତର୍‌ବିୟତି କ୍ଲାସ୍ ଅନୁଷ୍ଠିତ କରନ୍ତୁ, ଜଲ୍‌ସା ଅନୁଷ୍ଠିତ କରିନିଅନ୍ତୁ ଏବଂ ଏ କଥାରେ ଖୁସି ହୋଇଯାଆନ୍ତୁ ଯେ, ଆମର ଏତେ ଉପସ୍ଥାନ ରହିଛି ଓ ଯୁଗ ଖଲିଫା ଆମ ନିମନ୍ତେ ଅଭିଭାଷଣ ପ୍ରଦାନ କଲେ, ଏହାର କୌଣସି ଲାଭ ନାହିଁ। ସାମୟିକ ଉତ୍ସାହ ଲାଭ ହିନ। ବକ୍ତାମାନଙ୍କର କିଛି କଥା ଆପଣମାନଙ୍କୁ ଏଠାରେ ମଧ୍ୟ ସାମୟିକ ରୂପେ ଭାବବିହ୍ୱଳ କରିଦେଉଥିବ। ଯେ ପର୍ଯ୍ୟନ୍ତ ନିଷ୍ଠାର ସହିତ ଚେଷ୍ଟା କରି ସେହି ପୂଣ୍ୟ କଥା ଗୁଡ଼ିକ ଉପରେ ନିଜ ଜୀବନର ଅଂଶ ବିଶେଷ ନ କରିଛନ୍ତି ତେବେ ସାମୟିକ ରୂପେ ଭାବବିହ୍ୱଳ ହୋଇଯିବା ଲାଭ ହୀନ ବସ୍ତୁ। ସର୍ବଦା ଏକଥା ମନେ ରଖନ୍ତୁ ଯେ, ଆପଣଙ୍କ ବୁଦ୍ଧି, ଆପଣଙ୍କ ଜ୍ଞାନ ଏବଂ ଆପଣଙ୍କ ଖୋଲା ବିବେକ ସବୁକିଛି ଲାଭ ହୀନ ଯଦି ଆପଣମାନେ ଅଲ୍ଲାଃ ତାଲାଙ୍କ କଥାକୁ ବୁଝିନାହାନ୍ତି ବା ବୁଝିବାପାଇଁ ଚେଷ୍ଟା କରୁନାହାନ୍ତି ବା ଶୁଣି କରି ବୁଝିକରି ପୁଣି ତା'ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରିନାହାନ୍ତି।

ହଜୁର ଅନଓ୍ୱର ଅ:ବ:ଅ କହିଲେ ତେଣୁ ଯେଉଁ ପୂଣ୍ୟକର୍ମଗୁଡ଼ିକ ବିଷୟରେ ଏହି ଜଲ୍‌ସାରେ ବର୍ଣ୍ଣନା କରାଯାଇଅଛି ସେଥିରୁ ଲାଭ ଉଠାନ୍ତୁ ତତ୍‌ସହିତ ଅଲ୍ଲାଃ ତାଲାଙ୍କ କଥାଗୁଡ଼ିକୁ ଖୋଜି ତା ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରନ୍ତୁ ତେବେ ଯାଇ ଏହି ଜଲ୍‌ସାର କାର୍ଯ୍ୟକ୍ରମଗୁଡ଼ିକ ଲାଭପ୍ରଦ ହେବ। ଯେମିତି କି ମୁଁ, ସେହି ଆୟତର ହଓ୍ୱାଲା ଦେଇ ଚର୍ଚ୍ଚା କରିଥିଲି। ଅଲ୍ଲାଃ ତାଲା ମୋମିନ୍ ପୁରୁଷ ଓ ମୋମିନ୍ ମହିଳାମାନଙ୍କ ପୂଣ୍ୟକାର୍ଯ୍ୟର ପ୍ରତିବଦଳ ଦେବାପାଇଁ ପ୍ରତିଶୃତି ଦେଇଛନ୍ତି। ସେହିପରି ଦିତ୍ୱୀୟ ଆୟତରେ ଅଲ୍ଲାଃ ତାଲା ପୁରସ୍କାର ପାଇବାର ସୁସମାଚାର ପାଇଥିବା ଲୋକଙ୍କର କିଛି କର୍ମ ବିଷୟରେ ଚର୍ଚ୍ଚା କରିଛି ଯେମିତି କି, ଅଲ୍ଲାଃ ତାଲା କହୁଛନ୍ତି ଯେ, ଯେଉଁ ଲୋକମାନେ ତୌବା କରୁଛନ୍ତି, ଉପାସନା କରୁଛନ୍ତି, ଈଶ୍ୱରଙ୍କର ପ୍ରଶଂସାଗାନ କରୁଛନ୍ତି, ଖୁଦାଙ୍କ ମାର୍ଗରେ ଯାତ୍ରା କରୁଛନ୍ତି, ନଇଁ ପଡୁଛନ୍ତି, ସଜ୍‌ଦାଃ (ନତମସ୍ତକ) ହେଉଛନ୍ତି, ପୂଣ୍ୟ କଥାଗୁଡ଼ିକର ନିର୍ଦ୍ଦେଶ ଦେଉଛନ୍ତି, ଖରାପ କାର୍ଯ୍ୟରୁ ଲୋକମାନଙ୍କୁ ନିବୃତ ରଖୁଛନ୍ତି ଏବଂ ଅଲ୍ଲାଃ ତାଲାଙ୍କ ସୀମାର ସୁରକ୍ଷା କରୁଛନ୍ତି, ଏହିପରି ମୋମିନ୍ ମାନଙ୍କୁ ତୁମେ ସୁସମାଚାର ଦେଇଦିଅ। ଏକଥା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅଲ୍ଲାଃ ନିର୍ଦ୍ଦେଶ ଦେଇଛନ୍ତି। ଯେତେବେଳେ ଅଲ୍ଲାଃ ତାଲା ଏକଥା କହିଛନ୍ତି ଯେ, ବଶ୍‌ସିରିଲ୍ ମୁମିନିନ୍ ସେତେବେଳେ ଏହି ସୁସମାଚାରରେ ପୁରୁଷ ଓ ମହିଳା ଦୁଇଜଣ ସାମିଲ ଅଛନ୍ତି।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ହଜ୍‌ରତ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ଲେଖିଛନ୍ତି ଯେ, ତୌବା କରିବାର ଶକ୍ତି ହାସଲ କରିବାପାଇଁ ଅଲ୍ଲାଃ ତାଲା ଇସ୍‌ତିଗ୍‌ଫାର୍ କରିବାପ୍ରତି ଆମର ଧ୍ୟାନ ଆକର୍ଷଣ କରାଇଛନ୍ତି। ଯଦି ଏହି ପାପ ଗୁଡ଼ିକରୁ ବଂଚିବାକୁ ଚାହୁଁଛ, ନିଜକୁ ସୁରକ୍ଷିତ ରଖିବାକୁ ଚାହୁଁଛ ତେବେ ସର୍ବଦା ଇସ୍‌ତିଗ୍‌ଫାର୍ କରୁଥାଅ। ହଜୁର ଅନଓ୍ୱର ଅ:ବ:ଅ କହୁଛନ୍ତି ଏହା ହେଉଛି ମୋର ଶବ୍ଦ। ଏହା ହେଉଛି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କଥାର ଭାବାର୍ଥ। ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲେଖୁଛନ୍ତି ଯେ, ବେଳେବେଳେ ମଣିଷ ଜାଣିପାରେ ନାହିଁ କି, ଅଚାନକ ତା' ହୃଦୟରେ କଳଙ୍କି ଲାଗିଯାଇଥାଏ ତେଣୁ ସେଥିପାଇଁ ଇସ୍‌ତିଗ୍‌ଫାର୍ ରହିଛି ଯେ, ଉକ୍ତ କଳଙ୍କି ନ ଲାଗିଯାଉ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ସାଂସାରିକ କାର୍ଯ୍ୟବ୍ୟସ୍ତତା, ସେହି କାର୍ଯ୍ୟରେ ମଗ୍ନ ରହିବା ଓ ସାଂସାରିକ ଖେଳକୁଦରେ ଆଜିକାଲି ଏତେମାତ୍ରାରେ ଆକର୍ଷିତ ହୋଇଯାଇଛି ଓ ମଣିଷର ମନ ଏତେମାତ୍ରାରେ ତା' ଆଡ଼କୁ ଯିବାପାଇଁ ଚେଷ୍ଟା କରୁଛି ଯେ, ହୃଦୟ ଉପରେ ଯେମିତି କଳଙ୍କି ଲାଗିଯାଇଥାଏ। ଯେଉଁ ଚମକ ଧର୍ମର ଆଲୋକର ସ୍ୱଷ୍ଟତା ଏବଂ ସଫେଇ ଏବଂ ହୃଦୟ ସଫା ହୋଇଥାଏ ତାହା ଏବେ ଧିମା ପଡ଼ିଯାଇଛି। ସଂସାରର ରଙ୍ଗିନ କାର୍ଯ୍ୟକଳାପର ପ୍ରାଧାନ୍ୟ ବଢ଼ିଯାଇଛି। ହଜୁର ଅନଓ୍ୱର ଅ:ବ:ଅ କହୁଛନ୍ତି ସଂସାରର ଯେଉଁ ରଙ୍ଗୀନପଣ ରହିଛି ତାହା ହିଁ ହେଉଛି କଳଙ୍କି।

ହଜୁର ଅନଓ୍ୱର ଅ:ବ:ଅ କହିଲେ ତେଣୁ ଯଦି ଆମେ ନିଜର ଇହକାଳ ଓ ପରକାଳକୁ ଠିକ୍ କରିବାର ଅଛି ତେବେ ଜଣେ ମୋମିନ୍ ପାଇଁ ସର୍ବଦା ଇସ୍‌ତିଗ୍‌ଫାର କରିବା ଜରୁରୀ ଅଟେ ଓ ସଚ୍ଚା ତୌବା କରିବାପାଇଁ ପରିଶ୍ରମ କରିବା ଜୁରରୀ ଅଟେ। ସୁତରାଂ ଆମକୁ ଏଥିପ୍ରତି ବହୁତ ଧ୍ୟାନ ଦେବାର ଆବଶ୍ୟକତା ରହିଛି। କଳଙ୍କିକୁ ଦୁର କରିବାପାଇଁ ଓ ଅନ୍ଧାରକୁ ଶେଷ କରିବାପାଇଁ ହେଲେ ଅଲ୍ଲାଃ ତାଲାଙ୍କ ଆଡ଼କୁ ଏକ ପ୍ରକାରର ବିଶେଷ ଚେଷ୍ଟା କରି ପାଦ ବଢ଼ାଇବା ଜରୁରୀ ଅଟେ। ଏହା ସବୁ କିଛି ଅଲ୍ଲାଃ ତାଲାଙ୍କ କୃପା ବିନା ହୋଇନଥାଏ। ତେଣୁ ଅଲ୍ଲାଃ ତାଲାଙ୍କ କୃପାକୁ ଟାଣି ଆଣିବାପାଇଁ ହେଲେ ଇସ୍‌ତିଗ୍‌ଫାର କରିବା ସହିତ ଅଲ୍ଲାଃ ତାଲାଙ୍କ ଦ୍ୱାରା ବତାଯାଇଥିବା ମାର୍ଗ ମୁତାବକ ଉପାସନା କରିବା ମଧ୍ୟ ଜରୁରୀ ଅଟେ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ତୌବା କରିବାପ୍ରତି ଧ୍ୟାନ ଆକର୍ଷଣ କରାଇବା ଫଳରେ ଏହି ଆୟତରେ ଅଲ୍ଲାଃ ତାଲା ଆମକୁ ଉପାସନା କରିବାପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି। ଉପାସନାକାରୀମାନଙ୍କୁ ସୁସମାଚାର ଦିଆଯାଇଛି। ଖୁଦାତାଲା ଆମକୁ ଉପାସନା କରିବାପାଇଁ ଯେଉଁ ପଦ୍ଧତି ବତାଇଛନ୍ତି ତା ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନମାଜ। ମହିଳାମାନେ ଘରର ନିରୀକ୍ଷକ ହେବା ଦୃଷ୍ଟିକୋଣରୁ ସେମାନେ ନିଜର ନମାଜକୁ ସୁରକ୍ଷା କରିବା ସହିତ ନିଜ ସନ୍ତାନମାନଙ୍କ ନମାଜଗୁଡ଼ିକର ମଧ୍ୟ ସୁରକ୍ଷାର ନିରୀକ୍ଷକ ଅଟନ୍ତି ଓ ଏହାକୁ ସେମାନେ କରିବା ସୁନିଶ୍ଚିତ। ମହିଳାମାନଙ୍କ ମଧ୍ୟରେ, ମାଆମାନଙ୍କ ମଧ୍ୟରେ ନମାଜ ପଢ଼ିବାର ଅଭ୍ୟାସ ହେଉ। ଯଦି ଏହାର ସୁରକ୍ଷା କରାଯାଏ ତେବେ ପିଲାମାନଙ୍କୁ ବାଲ୍ୟତ ଅବସ୍ଥାରୁ ହିଁ ନମାଜ ପଢ଼ିବା ପ୍ରତି ଏହି ଜିନିଷ ଧ୍ୟାନ ଆକର୍ଷଣ କରାଇଥାଏ। ସାଧାରଣତଃ ଏପରି ମାଆମାନଙ୍କ ପିଲାମାନେ ନମାଜି ହୋଇଥାନ୍ତି ଏବଂ ଏହିପରି ମାଆମାନେ ଓ ମହିଳାମାନେ ସେମାନଙ୍କ ପିଲାଙ୍କୁ ଉନ୍ନତି କରାଇଥାନ୍ତି ଯେଉଁମାନେ ଅଲ୍ଲାଃ ତାଲାଙ୍କ ବାଣୀ ମୁତାବକ ନିଜ ଜନ୍ମର ଉଦ୍ଦେଶ୍ୟକୁ ବୁଝିଥାନ୍ତି।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଉତମ ତର୍‌ବିୟତ କରୁଥିବା ମାଆମାନେ, ପିଲାମାନଙ୍କୁ ଉପାସନାକାରୀ ବନାଇବାକୁ ଚେଷ୍ଟା କରୁଥିବା ମାଆମାନେ ଅତିକମ୍‌ରେ ନିଜର ଏହି ଚେଷ୍ଟା ଯୋଗୁଁ, ଯାହାକୁ ସେମାନେ ପିଲାମାନଙ୍କୁ ଖୁଦାତାଲାଙ୍କ ନିକଟତର କରାଇବାପାଇଁ ଚେଷ୍ଟା କରିଥାନ୍ତି, ସେମାନେ ଅଲ୍ଲାଃ ତାଲାଙ୍କ ତରଫରୁ ସୁସମାଚାର ହାସଲ କରିବାବାଲା ହୋଇଯାଆନ୍ତି। ଏହା ମଧ୍ୟ ଦେଖିବାରେ ଆସିଛି ଯେ, ବାପାମାନଙ୍କ କର୍ମ ଯୋଗୁଁ ବିଗିଡ଼ି ଯାଇଥିବା ପିଲାମାନେ ଗୋଟିଏ ସମୟରେ ମାଆମାନଙ୍କ ପ୍ରାର୍ଥନା ଓ ପ୍ରଶିକ୍ଷଣ ଯୋଗୁଁ ଅଲ୍ଲାଃ ତାଲାଙ୍କ ଆଡ଼କୁ ଆସିବାବାଲା ବନିଯାଇଥାନ୍ତି, ପୂଣ୍ୟମାର୍ଗର ପରିଚାଳିତ ହୋଇଥାନ୍ତି। ତେଣୁ ଅବଶ୍ୟ କେତେକ ମାଆମାନଙ୍କ ପାଇଁ ପିଲାମାନେ ଓ ବିଶେଷରୂପେ ପୁଅପିଲାମାନଙ୍କର ତର୍‌ବିୟତ (ପ୍ରଶିକ୍ଷଣ) ଏକ ବିଶେଷ ବୟସ ପରେ ବହୁତ ବଡ଼ ଚ୍ୟାଲେଞ୍ଜ ହୋଇଯାଇଥାଏ। କିନ୍ତୁ ମାଆମାନଙ୍କୁ ସାହାସ ହରାଇବା ଉଚିତ ନୁହେଁ। ବିଶେଷଭାବେ ଝିଅପିଲାମାନେ ସାଧାରଣତଃ ମାଆମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ଯଦି ଝିଅପିଲାମାନେ ପଥଭ୍ରଷ୍ଟ ହେଉଛନ୍ତି ତେବେ ଏହା ତ ସମ୍ପୁର୍ଣ୍ଣରୂପେ ମାଆମାନଙ୍କର ଭୁଲ୍। ଯଦି ଝିଅପିଲାମାନେ ସ୍ୱାଧୀନ ଆଡ଼କୁ ଯାଉଛନ୍ତି। ତେବେ ଏହା ସମ୍ପୁର୍ଣ୍ଣଭାବେ ମାଆମାନଙ୍କର ଭୁଲ୍। ଯଦି ଝିଅପିଲାମାନେ ୟୁନିର୍ଭସିଟିଗୁଡ଼ିକୁ ଯାଇ ଖରାପ ସାଥିମାନଙ୍କ ସହିତ ସାଙ୍ଗ ହେବା ଆରମ୍ଭ କରିଦେଉଛନ୍ତି ତେବେ ମାଆମାନଙ୍କୁ ଏଥିରେ ଚିନ୍ତା କରିବା ଉଚିତ ଓ ବହୁତ ଦୃଢ଼ କରିବା ଉଚିତ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ପୁଣି ଅଲ୍ଲାଃ ତାଲା କହୁଛନ୍ତି ଯେ, ମୁମିନ୍‌ର ଏହା ମଧ୍ୟ ଏକ ଲକ୍ଷଣ ଯେ, ସେ (ଅଲ୍ଲାଃଙ୍କ) ପ୍ରଶଂସା ଗାନ କରିଥାଏ। ଅଲ୍ଲାଃ ତାଲାଙ୍କ ପ୍ରଶଂସା ଏହା ଚାହୁଁଛି ଯେ, ତା ନେମତ୍ ଗୁଡ଼ିକର କୃତଜ୍ଞତା ଜ୍ଞାପନ କର। ଅଲ୍ଲାଃ ତାଲା ଯେଉଁ ଉତମ ପରିସ୍ଥିତି ଏବଂ ଯେଉଁ ଆର୍ଥିକ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି ତାହାର କୃତଜ୍ଞତା ଜ୍ଞାପନ କରନ୍ତୁ। ଯେତେବେଳେ ବାସ୍ତବିକ ପ୍ରଶଂସାପ୍ରତି ଧ୍ୟାନ ସୃଷ୍ଟି ହେବ ସେତେବେଳେ ଏହି ଭାବନା

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ। ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ<br>*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)* |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ।''<br>*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)* |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ହୃଦୟ ଭିତରେ ମଜ୍‌ଭୁତ ହେବ ଯେ, ପ୍ରଶଂସା ଯୋଗ୍ୟ କେବଳ ଓ କେବଳ ଖୁଦାତାଲାଙ୍କର ଅସ୍ତିତ୍ୱ ଅଟେ ଓ ମୋ ଅବସ୍ଥାର ସୁଧାର ଯଦି ହୋଇପାରେ ତେବେ ତାହା ଖୁଦାତାଲାଙ୍କ ସହିତ ଯୋଡ଼ି ରହିବାରେ ହିଁ ହୋଇପାରେ ଓ ହୋଇଅଛି । ଯଦି କେବେ କଠିନତା ଓ ଅସୁବିଧାର ସମ୍ମୁଖୀନ କରିବାକୁ ମଧ୍ୟ ପଡ଼େ । ସେତେବେଳେ ମଧ୍ୟ ଅଲ୍ଲାଃ ତାଲାଙ୍କ ପ୍ରଶଂସା ଗାନ କରିବାରେ କିଛି କମି ହେବା ଉଚିତ ନୁହେଁ । ଅଲ୍ଲାଃ ତାଲାଙ୍କ ପ୍ରଶଂସାରେ କମି ହେବା ଅକୃତଜ୍ଞତା ପ୍ରତି ନେଇଯାଇଥାଏ ଏବଂ ଅକୃତଜ୍ଞତା ଖୁଦାତାଲାଙ୍କଠାରୁ ଦୁରକୁ ନେଇଯାଇଥାଏ । ତେଣୁ ପ୍ରତ୍ୟେକଙ୍କୁ ଅଲ୍ଲାଃ ତାଲାଙ୍କ କୃତଜ୍ଞତା ଜ୍ଞାପନ କରି ତା'ର ପ୍ରଶଂସା କରିବାପ୍ରତି ଧ୍ୟାନ ରଖିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ପୁଣି ଗୋଟିଏ ବିଶେଷଗୁଣ ମୋମିନ୍‌ମାନଙ୍କର ଏଠାରେ ବତାଯାଇଛି ଯେ, ସେ ଅଲ୍ଲାଃ ତାଲାଙ୍କ ମାର୍ଗରେ ଯାତ୍ରା କରିଥାଏ । ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଯେଉଁମାନେ ଏଠାକୁ ଆସିଛନ୍ତି ସେମାନେ ଏଥିଯୋଗୁଁ ଆସିଛନ୍ତି ଯେ, ସେମାନଙ୍କ ଦେଶରେ ସେମାନଙ୍କ ପରିସ୍ଥିତି ଖରାପ ହୋଇଗଲା ଅର୍ଥାତ ତାଙ୍କ ଉପରେ ଜୁଲମ୍ କରାଗଲା ତେଣୁ ସେମାନେ ବାଧ ହୋଇ ହିଜ୍‌ରତ୍ କଲେ ଓ ଏହି ଦେଶଗୁଡ଼ିକରେ ଆସି ଶରଣ ନେବାକୁ ପଡ଼ିଲା । ତେଣୁ ଏ ଦୃଷ୍ଟିକୋଣରୁ ଆପଣମାନଙ୍କ ଯାତ୍ରା ମଧ୍ୟ ଖୁଦାତାଲାଙ୍କ ମାର୍ଗରେ କରାଯାଇଥିବା ଯାତ୍ରା ଅଟେ । ନିଜ ଦୀନ୍‌କୁ ବଂଚାଇବା ପାଇଁ ବା ଆପଣମାନେ ଦୀନ୍ ଯୋଗୁଁ ହିଁ ନିଜ ଜୀବନକୁ ବଂଚାଇବାପାଇଁ ଏହି ଯାତ୍ରା କରିବାକୁ ବାଧ୍ୟ ହୋଇଛନ୍ତି । ଅଧିକାଂଶ ଲୋକମାନଙ୍କ ଭିତରେ ଏପରି ଯୋଗ୍ୟତା ନାହିଁ ଯେ ସେମାନେ ଏକଥା କହିପାରିବେ ଆମେ ଏହି ଯୋଗ୍ୟତାକୁ ଆଧାର କରି ଏ ଦେଶକୁ ଆସିପାରିଛୁ ଓ ନିଜର କୌଣସି ଯୋଗ୍ୟତା ଯୋଗୁଁ ହିଁ ଆମେ ଏଠାରେ ହିଜ୍‌ରତ୍ କରିଛୁ । ତେଣୁ ଯଦି ହିଜ୍‌ରତ୍ ଏଥିଯୋଗୁଁ କରାଯାଇଛି ଯେ, ଆମକୁ ଧର୍ମୀୟ ସ୍ୱାଧିନତା ପ୍ରାପ୍ତ ହେଉ ଓ ଆମେ ଖୁଦାତାଲାଙ୍କ ଅଧିକାରକୁ ପ୍ରଦାନ କରିପାରୁ ତେବେ ଖୁଦାତାଲାଙ୍କର କଥାଗୁଡ଼ିକୁ ମାନିବା ମଧ୍ୟ ଜରୁରୀ ଅଟେ । ଏଠାକୁ ଆସିବାପରେ ଆର୍ଥିକ ଅବସ୍ଥା ଯେଉଁଭଳି ସୁଧୁରି ଯାଇଛି ଓ ଅଧିକାଂଶ ଲୋକେ ଏଠାରେ ସ୍ୱଚ୍ଛଳ ହୋଇଯାଇଛନ୍ତି ତେଣୁ ଏହିପରି ଆର୍ଥିକ ସ୍ୱଚ୍ଛଳତା ଏହା ଚାହୁଁଅଛି ଯେ, ଆପଣମାନେ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବାବାଲା ହୁଅନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ ନିଜ ଭାଷଣର ଶେଷରେ କହିଲେ ଅଲ୍ଲାଃ ତାଲା ଆମକୁ ଏ ଶକ୍ତିପ୍ରଦାନ କରନ୍ତୁ ଯେ, ଆମେ ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲ୍‌ଙ୍କ କଥାକୁ ବୁଝିପାରିବା ଓ ତା'ଉପରେ ପରିଚାଳିତ ହେବା ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତର ହକ୍‌କୁ ପ୍ରଦାନକାରୀ ହେବା ଏ ଦୁନିଆର ବେକାର, ନୀରକ୍ଷକ ଏବଂ ବେହୁଦା କାର୍ଯ୍ୟକଳାପରୁ ବଂଚିବାବାଲା ହେବା ଓ ନିଜ ସନ୍ତାନମାନଙ୍କୁ ମଧ୍ୟ ଏଥିରୁ ନିବୃତ ରଖିବା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନି ଆମେ ଯେଉଁ ପ୍ରତିଜ୍ଞା କରିଛେ ଆମେ ସେହି ପ୍ରତିଜ୍ଞାକୁ ପୂରଣ କରିପାରିବା । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହା କରିବାପାଇଁ ଶକ୍ତି ଓ ସମାର୍ଥ୍ୟ ପ୍ରଦାନ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କର ଏହି ଅଭିଭାଷଣ ଦିନ ୧:୨୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ (ନୀରବ ପ୍ରାର୍ଥନା) କରାଇଲେ । ତା'ପରେ ଲଜ୍‌ନାର ସଦସ୍ୟମାନେ ଓ ନାସ୍‌ରାତ୍ ପିଲାମାନଙ୍କର ବିଭିନ୍ନ ଦଳଗୁଡ଼ିକ ନିଜ ନିଜ ଭାଷାରେ ପ୍ରାର୍ଥନାମୁଳକ ନଜମ୍ ଓ ତରାନା ପେଶ୍ କଲେ । ଆଫ୍ରିକୀୟ, ଆରବୀୟ, ଉର୍ଦ୍ଦୁ, ପଂଞ୍ଜାବି, ଜର୍ମାନୀ, ଇଂରାଜୀ, ସ୍ପାନିଶ୍, ତୁର୍କୀ, ବୋସ୍‌ନିଅନ୍, ମାସିଡ଼ୋନିଆନ୍, ଇଣ୍ଡୋନେସିଅନ୍, ବଙ୍ଗଳା, ଏବଂ ଜାମାଇକା ଭାଷାରେ ଏହା ସବୁ ଉପସ୍ଥାପନ କରାଗଲା । ଏହି ଅବସରରେ ମହିଳାମାନେ ନାରାହାଏ୍ ତକ୍‌ବୀର୍ (ଅର୍ଥାତ ଅଲ୍ଲାଃଙ୍କ ମହିମା ପୂର୍ଣ୍ଣ ସ୍ଲୋଗାନ୍) ମଧ୍ୟ ଉଚ୍ଚାରଣ କଲେ ।

⌘⌘⌘⌘⌘⌘⌘⌘⌘⌘⌘

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❀ ପ୍ରାର୍ଥିଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❀ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❀ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❀ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ବରାଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❀ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥିଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ ପେଶ୍ କରିବାକୁ ହେବ । ❀ Interview ରେ ଯୋଗଦେବା ପାଇଁ ପ୍ରାଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❀ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❀ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❀ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିଓ୍ୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୁର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

## ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❀ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❀ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❀ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❀ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❀ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❀ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିଓ୍ୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❀ ଦରଖାସ୍ତ ଫର୍ମ ନିଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ । ❀ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❀ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2020-2022 Vol.5 Thursday 16 April 2020 Issue No. 16**

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନି ଗସ୍ତ – (ଜୁଲାଇ ୨୦୧୯)

## ୦୬ ଜୁଲାଇ ୨୦୧୯ (ଶନିବାର)

ଶୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଭୋର ୪:୧୫ ମିନିଟରେ ଜଲ୍‌ସାଗାଃ ଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ପ୍ରକାରର ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଆଜି ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅଙ୍କର ଲଜ୍‌ନା ଜଲ୍‌ସାଗାଃ ଠାରେ ହଜୁର ଅନଓ୍ୱର ଅ:ବ:ଅ ଭାଷଣ ଦେବାର ଥିଲା ।

ଆଜି ଲଜ୍‌ନା ଜଲ୍‌ସାଗାଃ ଠାରେ ସକାଳ ସେସନର ଶୁଭାରମ୍ଭ ଠିକ୍ ୧୦ଟା ବେଳେ ହଜ୍‌ରତ୍ ବେଗମ୍ ସାହିବାଙ୍କ ସଭାପତିତ୍ୱରେ ଆରମ୍ଭ ହେଲା ଓ ଏହା ୧୧:୪୫ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା । ଏହି ସେସନରେ ପବିତ୍ର କୋରାନ୍ ପାଠ ଓ ତାହାର ଉର୍ଦ୍ଦୁ ଅନୁବାଦ ବ୍ୟତିତ ଗୋଟିଏ ଉର୍ଦ୍ଦୁ ନଜମ୍, ଆରବୀ କସିଦା ଏବଂ ଚାରିଗୋଟି ବୃକ୍ତୁତା ଦିଆଗଲା । ସେଥିମଧ୍ୟରୁ ତିନୋଟ ବୃକ୍ତୁତା ଉଦ୍ଦୁଭାଷାରେ ଥିଲା ଓ ଗୋଟିଏ ଜର୍ମାନୀ ଭାଷାରେ ଥିଲା ।

ପ୍ରୋଗ୍ରାମ ମୁତାବକ ଦିନ ୧୨ ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଜଲ୍‌ସାଗାଃରେ ପଦାର୍ପଣ କଲେ । ନାଜିମା ଆଲା ଏବଂ ସଦର୍ ଲଜ୍‌ନା ଇମାଇଲ୍ଲାଃ ଜର୍ମାନୀ ନିଜର ନାଏବ୍ ନାଜିମାତେ ଆଲାଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ କଲେ । ମହିଳାମାନେ ବହୁତ ଉତ୍ସାହିତ ହୋଇ ନାରା (ସ୍ଲୋଗାନ) ଦେଲେ ଏବଂ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇଲେ ।

ଏହି ଇଜ୍‌ଲାସ୍‌ର କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୁର୍‌ଆନ୍ ପାଠ ସହିତ ହେଲା । ତାହା ଅଜିଜା ଦୁର୍‌ରେ ଅଜମ୍ ହୁବଶ୍ ସାହିବା ପାଠ କଲେ । ତା'ପରେ ଏହାର ଉର୍ଦ୍ଦୁ ଏବଂ ଜର୍ମାନ ଅନୁବାଦ ଉପସ୍ଥାପନ କରାଗଲା । ତାହାପରେ ଅଜିଜା ଆଇଶା ସୁନ୍ଦସ୍ ସାହିବା ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ମନ୍‌ଜୁମ୍ କଲାମ୍

**ଇକ୍ ନା ଇକ୍ ଦିନ୍ ପେଶ୍ ହୋଗା**
**ତୁ ଫନା କେ ସାମ୍‌ନେ**
**ଚଲ୍ ନେହିଁ ସକତି କିସିକି କୁଛ୍**
**କଜାକେ ସାମ୍‌ନେ**

ଅତ୍ୟନ୍ତ ମଧୁର ଓ ଲଳିତ ସ୍ୱରରେ ପାଠ କଲେ ।

ତା'ପରେ ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ଶିକ୍ଷାକ୍ଷେତ୍ରରେ ଉତ୍କୃଷ୍ଟ ସଫଳ ହାସଲ କରିଥିବା ୪୭ ଜଣ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କଲେ ଏବଂ ହଜ୍‌ରତ୍ ବେଗମ୍ ସାହିବା ଉକ୍ତ ଛାତ୍ରୀମାନଙ୍କୁ ମେଡ଼ାଲ୍ ପିନ୍ଧାଇଲେ । ତାଲିମି ଆଓ୍ୱାର୍ଡ଼ ପ୍ରାପ୍ତ କରିଥିବା ସେହି ସୌଭାଗ୍ୟବତି ଛାତ୍ରୀମାନଙ୍କର ନାମ ନିମ୍ନରେ ଦିଆଯାଉଛି:

ଶବାନା ଅହ୍‌ମଦ୍ (ଜର୍ମାନୀ)
Consultant as General Practitioner,
ରାହତୁଲ୍ ଇସ୍‌ଲାମ୍ (ଜର୍ମାନୀ)
PhD in Dentistry,
ଫାଇଜା ନିଆଜି ଚୌଧୁରୀ (ଜର୍ମାନୀ)
2nd State Examination in Teaching,
ଜାଇଲା ଜାଓ୍ୱେଦ୍(ଜର୍ମାନୀ)
State Examination in Human Medicine,
ଦର୍ ଅଜବ୍ ହୁଓ୍ୱଶ୍ (ଜର୍ମାନୀ)
2nd State Examination in Teaching,
ମାରିୟା ଅବ୍‌ବାସ୍ (ଜର୍ମାନୀ)
2nd State Examination in Teaching,
ମୁସଓ୍ୱରାଃ ସବାହତ୍ ଭଟ୍ଟି (ଜର୍ମାନୀ)
2nd State Examination in Teaching,
ହୁଦା କେରେଓ୍ୱି (ଜର୍ମାନୀ)
1st State Examination in Teaching,
Zonara Ullah Wahla (Germany),
ସ୍ୱାଲେହା ସବାହତ୍ ମୀର୍ (ଜର୍ମାନୀ)
1st State Examination in Teaching,
ନାୟାବ୍ ମୁବଶିର୍ ଗୋନ୍ଦଲ୍ (ଜର୍ମାନୀ)
Magister Artium in Literature,
ତାହିରୁଲ୍ଲାହ୍ (ଜର୍ମାନୀ)
Master of Arts in Sociology,
ମହ୍‌ଓ୍ୱଶ୍ ଅହ୍‌ମଦ୍ ଅନ୍‌ଓ୍ୱର୍ (ଜର୍ମାନୀ)
Master of Science in Geography,
ଅନିଲା ଅହ୍‌ମଦ୍ (ଜର୍ମାନୀ)
Master of Science in Cell and Molecular Biology,
ଅଦିଲା ସନାଆ (ଜର୍ମାନୀ)
Master of Arts in Islamic Studies,
ମହ୍‌ଓ୍ୱଶ୍ ଇଫ୍‌ତିଖାର୍ (ଜର୍ମାନୀ)
Master of Science Molecular Medicine,
ଫରିହା ନାସିର୍ ବଟ୍ (ଜର୍ମାନୀ)
Master of Science in Life and Medical Science,
ନୁରିୟାଃ ଅଞ୍ଜୁମ୍ (ଜର୍ମାନୀ)
Master of Laws in Economic Law,
ଅନିଜାଃ ହୟାତ୍ (ଜର୍ମାନୀ)
Master in Engineering in Civil Engineering,
ଜୌଫିଶାନ୍ ମଲକ୍ (ଜର୍ମାନୀ)
Master of Science in Industrial Engineering,
ହିବତୁଲ୍ ଜୈବ୍ ନାସିର୍ (ଜର୍ମାନୀ)
Master of Science in Economic Pedagogy,
ସୟଦ୍ ସବାହୁନ୍ ନୂର୍ ଶୌଲତସ୍ (ଜର୍ମାନୀ)
Master of Arts in Leadership in creative Industries,
ଜୌହା ବାବର୍ (ଜର୍ମାନୀ)
Diploma in Personal Specialist,
ତାବନ୍‌ଦାଃ ଖାନ୍ (ଜର୍ମାନୀ)
Bachelor of Arts In International Business Management,
ଅନ୍‌ଅମ୍ ବେଗମ୍ (ଜର୍ମାନୀ)
Bachelor of Arts in Social Work,
ସନା ହୁଓ୍ୱଶ୍ (ଜର୍ମାନୀ)
Bachelor of Arts in Educational Science,
ଓ୍ୱଫା ନାସିର୍ ବଟ୍ (ଜର୍ମାନୀ)
Bachelor of Arts in Sociology,
ଅନିଲା ରଜା ଅହ୍‌ମଦ୍ (ଜର୍ମାନୀ)
Bachelor of Arts in Architecture,
ନିଦା ରାଣା ଅବ୍‌ବାସି (ଜର୍ମାନୀ)
Bachelor of Arts in Psychology & Philology,
ସାଇମା ମଲକ୍ (ଜର୍ମାନୀ)
Bachelor of Arts in Social Work,
ହିବା ପାକ୍ ତୁର୍କ (ଜର୍ମାନୀ)
Bachelor of Arts Educational Science,
କାଶିଫା ବଟ୍ (ଜର୍ମାନୀ)
Bachelor of Arts in Islamic Science,
ତାବନ୍‌ଦାଃ ମନ୍‌ସୁର୍ ଲୋନ୍ (ଜର୍ମାନୀ)
Bachelor of Arts in International Management,
ନିଦା ଅହ୍‌ମଦ୍ ହୁଓ୍ୱଶ୍ (ଜର୍ମାନୀ)
Bachelor of Arts in History,
ଆଲିୟା ୟୁସୁଫ୍ (ଜର୍ମାନୀ)
Bachelor of Science in History
A- Levels,
ଅମତୁଲ୍ ରଫିକ୍ (ସୁଇଜରଲ୍ୟାଣ୍ଡ)
Bachelor of Law in Econimics,
ଆଇଶା ସୁନ୍‌ଦାସ୍ (ଜର୍ମାନୀ)
BS Electrical Engineering in Electrical Engineerin,
ଜାଇରାଃ ଜବ୍‌ବାର୍ (ଜର୍ମାନୀ)
Bachelor of Engineering in Electrical Engineering,
ରୁମୀନା କନ୍‌ଓ୍ୱଲ୍(ଜର୍ମାନୀ)
M.Sc. Honours if Food Technology,
ବାରିରାଃ ତାହିର୍ (ଜର୍ମାନୀ)
BS Hons in Psychology,
ଫେଜାନା ନଇମ୍ (ପାକିସ୍ତାନ୍)
BS Software Engineering in Software Engineering,
ସବା ଅହ୍‌ମଦ୍ (ପାକିସ୍ତାନ୍)
BS Hons in Statistics,
ଅତିୟତୁଲ୍ ଜୈବ୍ (ଜର୍ମାନୀ)
Bachelor in Business Adminstration,
ରାଜିୟା ହମିଦ୍ (କାନାଡ଼ା),
Nawaziest Ul Bushra O-Leve (ପାକିସ୍ତାନ୍),
ଲାଇଲାନ୍ ଅହ୍‌ମଦ୍ ଖାଲିଦ୍ (ପାକିସ୍ତାନ୍)
O-Level,

*ଅବଶିଷ୍ଟାଂଶ ପୃଷ୍ଠା- ୯ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**